ଦାଦା ଭଗବାନ କଥିତ

# କର୍ମର ସିଦ୍ଧାନ୍ତ



Oriya

ଦାଦା ଭଗବାନ କଥିତ

# କର୍ମର ସିଦ୍ଧାନ୍ତ

ମୂଳ ହିନ୍ଦୀ ସଙ୍କଳନ : ଡା. ନୀରୂବେନ ଅମୀନ
ଅନୁବାଦ : ମହାତ୍ମାଗଣ

**ପ୍ରକାଶକ :** ଶ୍ରୀ ଅଜିତ୍ ସି. ପଟେଲ
ଦାଦା ଭଗବାନ ବିଜ୍ଞାନ ଫାଉଣ୍ଡେସନ୍
1, ବରୁଣ ଆପାର୍ଟମେଣ୍ଟ, 37, ଶ୍ରୀମାଳି ସୋସାଇଟୀ,
ନବରଙ୍ଗପୁରା ପୋଲିସ ଷ୍ଟେସନ୍ ପାଖ, ନବରଙ୍ଗପୁରା,
ଅହମଦାବାଦ- 380009, ଗୁଜରାଟ, ଇଣ୍ଡିଆ ।
ଫୋନ୍ - +91 93 2866 1166 / 93 2866 1177

© : Dada Bhagwan Foundation,
5, Mamata Park Society, B/h. Navgujarat College,
Usmanpura, Ahmedabad-380014, Gujarat, India
**Email :** info@dadabhagwan.org
**Tel.:** +91 9328661166 / 9328661177
**No part of this book may be used or reproduced in any manner whatsoever without written permission from the holder of the copyrights.**

**ପ୍ରଥମ ସଂସ୍କରଣ :** 500 ଖଣ୍ଡ, ନଭେମ୍ବର 2020

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ଦ୍ରବ୍ୟ ମୂଲ୍ୟ :** 25 ଟଙ୍କା

**ମୁଦ୍ରକ :** ଅମ୍ବା ଅଫ୍‌ସେଟ୍
B-99, ଇଲେକ୍ଟ୍ରୋନିକ୍ସ GIDC,
K-6 ରୋଡ୍, ସେକ୍ଟର-25,
ଗାନ୍ଧୀନଗର-382044
ଫୋନ୍ - (079) 35002142

# ତ୍ରିମନ୍ତ୍ର




ନମୋ ଅରିହଂତାଣଂ

ନମୋ ସିଦ୍ଧାଣଂ

ନମୋ ଆୟରିୟାଣଂ

ନମୋ ଉବଜ୍ଝାୟାଣଂ





ନମୋ ଲୋଏ ସବ୍ବସାହୁଣଂ

ଏସୋ ପଞ୍ଚ ନମୁକ୍କାରୋ,

ସବ୍ବ ପାବପ୍ପଣାସଣୋ

ମଙ୍ଗଲାଣଂ ଚ ସବ୍ବେସିଂ,

ପଢମଂ ହବଇ ମଙ୍ଗଲମ୍ ।।୧।।

ଓଁ ନମୋ ଭଗବତେ ବାସୁଦେବାୟ ।।୨।।

ଓଁ ନମଃ ଶିବାୟ ।। ୩ ।।

।। ଜୟ ସଚ୍ଚିଦାନନ୍ଦ ।।



# ‘ଦାଦା ଭଗବାନ’ କିଏ ?

ଜୁନ୍ ୧୯୫୮ରେ ଏକ ସନ୍ଧ୍ୟା, ସମୟ ପାଖାପାଖି ଛ’ଟା, ଭିଡ଼ରେ ଭରା ସୁରଟ ସହରର ରେଲୱେ ଷ୍ଟେସନ୍, ପ୍ଲାଟ୍‌ଫର୍ମ ନମ୍ବର ୩ର ବେଞ୍ଚ୍ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୁଲ୍‌ଜୀଭାଇ ପଟେଲ ରୂପୀ ଦେହମନ୍ଦିରରେ ପ୍ରାକୃତିକ ରୀତିରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବାପାଇଁ ଆତୁର ‘ଦାଦା ଭଗବାନ’ ପୂର୍ଣ୍ଣ ରୂପରେ ପ୍ରକଟ ହେଲେ । ଏବଂ ପ୍ରକୃତି ସର୍ଜିତ କଲା ଅଧ୍ୟାତ୍ମର ଅଦ୍ଭୁତ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । ‘ମୁଁ କିଏ ? ଭଗବାନ କିଏ ? ଜଗତ କିଏ ଚଲାଉଛି ? କର୍ମ କ’ଣ ? ମୁକ୍ତି କ’ଣ ?’ ଇତ୍ୟାଦି ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସମ୍ପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା । ଏହିପରି ପ୍ରକୃତି, ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ ପୂର୍ଣ୍ଣ ଦର୍ଶନ ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଲ୍‌ଜୀଭାଇ ପଟେଲ, ଯିଏ ଗୁଜରାଟର ଚରୋତର କ୍ଷେତ୍ରର ଭାଦରଣ ଗାଁ’ର ପାଟୀଦାର, କଣ୍ଟ୍ରାକ୍ଟ ବ୍ୟବସାୟ କରିବାବାଲା, ତଥାପି ପୂର୍ଣ୍ଣ ରୂପରେ ବୀତରାଗ ପୁରୁଷ !

‘ବ୍ୟାପାରରେ ଧର୍ମ ରହିବା ଉଚିତ, ଧର୍ମରେ ବ୍ୟାପାର ନୁହେଁ’, ଏହି ସିଦ୍ଧାନ୍ତ ସହ ସେ ସାରା ଜୀବନ ବିତାଇଲେ । ଜୀବନରେ କେବେ ମଧ୍ୟ ସେ କାହାରିଠାରୁ ପଇସା ନେଇ ନାହାନ୍ତି, ବରଂ ନିଜ ରୋଜଗାରରୁ ଭକ୍ତମାନଙ୍କୁ ଯାତ୍ରା କରାଉଥିଲେ ।

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି କେବଳ ଦୁଇ ଘଣ୍ଟାରେ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ, ତାଙ୍କର ଅଦ୍ଭୁତ ସିଦ୍ଧ ହୋଇଥିବା ଜ୍ଞାନପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କହିଲେ । ଅକ୍ରମ, ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି, କ୍ରମାନୁସାରେ ଉପରକୁ ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ, ସର୍ଟ କଟ୍ ।

ସେ ନିଜେ ପ୍ରତ୍ୟେକଙ୍କୁ ‘ଦାଦା ଭଗବାନ କିଏ ?’ର ରହସ୍ୟ ବତାଇବାକୁ ଯାଇ କହୁଥିଲେ ଯେ, “ଏ ଯିଏ ଆପଣଙ୍କୁ ଦେଖାଯାଉଛନ୍ତି ସେ ଦାଦା ଭଗବାନ ନୁହଁନ୍ତି, ସେ ତ ‘ଏ.ଏମ୍. ପଟେଲ’ ଅଟେ । ମୁଁ ଜ୍ଞାନୀପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ ‘ଦାଦା ଭଗବାନ’ ଅଟନ୍ତି । ଦାଦା ଭଗବାନ ତ’ ଚଉଦ ଲୋକର ନାଥ ଅଟନ୍ତି । ସେ ତୁମ ଭିତରେ ମଧ୍ୟ ଅଛନ୍ତି, ସମସ୍ତଙ୍କ ଭିତରେ ଅଛନ୍ତି । ତୁମ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ ‘ଏଠାରେ’ ମୋ ଭିତରେ ସମ୍ପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରେ ।”

# ନିବେଦନ

ପରମ ପୂଜ୍ୟ ଦାଦା ଭଗବାନଙ୍କ ଶ୍ରୀମୁଖରୁ ବାହାରିଥିବା ଜ୍ଞାନବାଣୀ ଯାହାକୁ ଅଡ଼ିଓ କ୍ୟାସେଟରେ ରେକର୍ଡ଼୍ କରାଯାଇଥିଲା । ସେହି ଜ୍ଞାନବାଣୀକୁ ଅଡ଼ିଓ କ୍ୟାସେଟରୁ ଟ୍ରାନ୍ସକ୍ରାଇବ୍ କରି ବହୁତ ବର୍ଷ ପୂର୍ବେ ଆପ୍ତବାଣୀ ଗ୍ରନ୍ଥ ପ୍ରସ୍ତୁତ କରାଯାଇଥିଲା ! ସେହି ଗ୍ରନ୍ଥକୁ ପୁଣି ଥରେ ସଙ୍କଳିତ କରି ନିମ୍ନଲିଖିତ ଛଅ ଛୋଟ-ଛୋଟ ପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହାଫଳରେ ପାଠକଙ୍କୁ ପଢ଼ିବା ପାଇଁ ସୁବିଧା ହେବ ।

୧. ଜ୍ଞାନୀ ପୁରୁଷଙ୍କ ପରିଚୟ
୨. ଜଗତ କର୍ତ୍ତା କିଏ ?
୩. କର୍ମର ସିଦ୍ଧାନ୍ତ
୪. ଅନ୍ତଃକରଣର ସ୍ୱରୂପ
୫. ଆତ୍ମବୋଧ
୬. ସର୍ବ ଦୁଃଖରୁ ମୁକ୍ତି

ପରମ ପୂଜ୍ୟ ଦାଦାଶ୍ରୀ ହିନ୍ଦୀରେ ବହୁତ କମ କହୁଥିଲେ, କେବେ ହିନ୍ଦୀଭାଷୀ ଲୋକ ଆସି ଯାଉଥିଲେ, ଯେଉଁମାନେ ଗୁଜରାଟୀ ବୁଝିପାରୁ ନଥିଲେ, ସେମାନଙ୍କ ପାଇଁ ପୂଜ୍ୟଶ୍ରୀ ହିନ୍ଦୀ କହି ଦେଉଥିଲେ । ତାଙ୍କ ହିନ୍ଦୀ 'ପ୍ୟୋର୍' ହିନ୍ଦୀ ନୁହେଁ, ତଥାପି ଶୁଣିବାବାଲାଙ୍କୁ ତାଙ୍କର ଅନ୍ତର ଆଶୟ 'ଏକଜାକ୍ଟ' ବୁଝା ପଡ଼ିଯାଏ । ତାଙ୍କ ବାଣୀ ହୃଦୟସ୍ପର୍ଶୀ, ହୃଦୟଭେଦୀ ହୋଇଥିବା କାରଣରୁ ଯେପରି ବାହାରିଛି ସେହିପରି ସଙ୍କଳିତ କରି ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ବିଜ୍ଞ ପାଠକଙ୍କୁ ତାଙ୍କ 'ଡିରେକ୍ଟ' ଶବ୍ଦ ପହଞ୍ଚିବ । ତାଙ୍କର ହିନ୍ଦୀ ଅର୍ଥାତ ଗୁଜରାଟୀ, ଇଂରାଜୀ ଏବଂ ହିନ୍ଦୀର ମିଶ୍ରଣ । ତଥାପି ଶୁଣିବାକୁ, ପଢ଼ିବାକୁ ବହୁତ ମିଠା ଲାଗେ, ନେଚୁରାଲ୍ ଲାଗେ, ଜୀବନ୍ତ ଲାଗେ । ସେହି ଶବ୍ଦ, ତାହା ଭାଷାକୀୟ ଦୃଷ୍ଟିରୁ ସାଦା-ସିଧା ଅଟେ କିନ୍ତୁ 'ଜ୍ଞାନୀପୁରୁଷ'ଙ୍କ ଦର୍ଶନ ନିରାବରଣ ଅଟେ, ସେଥିପାଇଁ ତାଙ୍କର ପ୍ରତ୍ୟେକ ବଚନ ଆଶୟପୂର୍ଣ୍ଣ, ମର୍ମସ୍ପର୍ଶୀ, ମୌଳିକ ଏବଂ ସାମ୍ନାବ୍ୟକ୍ତିର ଭ୍ୟୁ-ପଏଣ୍ଟକୁ ଏକଜାକ୍ଟ ବୁଝି ବାହାରିଥିବା କାରଣରୁ ଶ୍ରୋତାଙ୍କ ଦର୍ଶନ ସୁସ୍ପଷ୍ଟ ଖୋଲି ଦିଏ ଏବଂ ଅଧିକ ଉଚ୍ଚକୁ ନେଇଯାଏ ।

**- ଡା. ନୀରୁବେନ ଅମୀନ**

**ବି.ଦ୍ର.-**

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟାସ କରାଯାଇଛି । ପ୍ରସ୍ତୁତ ପୁସ୍ତକରେ ଅନେକ ଜାଗାରେ ବନ୍ଧନୀରେ ଦର୍ଶାଯାଇଥିବା ଶବ୍ଦ ବା ବାକ୍ୟ ପରମପୂଜ୍ୟ ଦାଦାଶ୍ରୀଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟକୁ ଅଧିକ ସ୍ପଷ୍ଟତାପୂର୍ବକ ବୁଝାଇବା ପାଇଁ ଲେଖାଯାଇଛି । ଦାଦାଶ୍ରୀଙ୍କ ଶ୍ରୀମୁଖରୁ ବାହାରିଥିବା କିଛି ଗୁଜରାଟୀ ଶବ୍ଦ ଯେମିତିକୁ ସେମିତି *ଇଟାଲିକ୍ସ* ରେ ରଖାଯାଇଛି, କାରଣ ସେ ଶବ୍ଦଗୁଡ଼ିକ ପାଇଁ ଓଡ଼ିଆରେ ଏପରି କିଛି ଶବ୍ଦ ନାହିଁ, ଯାହା ତାହାର ପୂର୍ଣ୍ଣ ଅର୍ଥ ଦେଇପାରିବ । କିନ୍ତୁ ସେହି ଶବ୍ଦର ସମାର୍ଥକ ଶବ୍ଦ ବନ୍ଧନୀରେ ଏବଂ ପୁସ୍ତକର ଶେଷରେ ମଧ୍ୟ ଦିଆଯାଇଛି ।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ ।

# ସମ୍ପାଦକୀୟ

ଜୀବନରେ ଏପରି ଅନେକ ସମୟ ଆସେ, ଯେବେ ନିଜ ମନକୁ ସମାଧାନ ମିଳେ ନାହିଁ ଯେ ଏପରି କାହିଁକି ହେଲା ? ଭୂକମ୍ପରେ କେତେସାରା ଲୋକ ମରିଗଲେ, ବଦ୍ରି-କେଦାର ଯାତ୍ରା କରିବାବାଲା ବରଫରେ ଦବିଗଲେ, ନିର୍ଦ୍ଦୋଷ ଶିଶୁ ଜନ୍ମ ହେଉ ହେଉ ଅପଙ୍ଗ ହୋଇଗଲା, କାହାର ଆକ୍ସିଡେଣ୍ଟ୍‌ରେ ମୃତ୍ୟୁ ହୋଇଗଲା... ତେବେ ଏହା କେଉଁ କାରଣରୁ ? ଶେଷରେ ଏସବୁ କର୍ମର ଫଳ ଅଟେ, ଏପରି କହି ସମାଧାନ କରି ନିଅନ୍ତି । କିନ୍ତୁ କର୍ମ କ'ଣ ? କର୍ମର ଫଳ କିପରି ଭୋଗିବାକୁ ପଡ଼େ ? ଏହାର ରହସ୍ୟ ବୁଝି ହୁଏ ନାହିଁ ।

ଲୋକେ କର୍ମ କାହାକୁ କହନ୍ତି ? ଚାକିରି-ବ୍ୟାପାର, ସତ୍କାର୍ଯ୍ୟ, ଧର୍ମ, ପୂଜା-ପାଠ ଇତ୍ୟାଦି ଦିନସାରା ଯାହା ବି କରନ୍ତି, ତାହାକୁ କର୍ମ କହନ୍ତି । କିନ୍ତୁ ଜ୍ଞାନୀଙ୍କ ଦୃଷ୍ଟିରେ ଏହା କର୍ମ ନୁହେଁ, ବରଂ କର୍ମଫଳ ଅଟେ । ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଯାହା ଅନୁଭବରେ ଆସେ, ତାହା ସବୁ କର୍ମଫଳ ଅଟେ । ଆଉ କର୍ମର ବୀଜ ତ ବହୁତ ସୂକ୍ଷ୍ମ ଅଟେ । ଅଜ୍ଞାନତାରେ 'ମୁଁ କଲି', ଏପରି କର୍ତ୍ତାଭାବରୁ କର୍ମ ଚାର୍ଜିଙ୍ଗ୍ ହୁଏ ।

କେହି ବ୍ୟକ୍ତି କ୍ରୋଧ କରେ କିନ୍ତୁ ଭିତରେ ପଶ୍ଚାତାପ କରେ, ଏବଂ କେହି ବ୍ୟକ୍ତି କ୍ରୋଧ କରି ଭିତରେ ଖୁସି ହୁଏ ଯେ ମୁଁ କ୍ରୋଧ କଲି ତାହା ଠିକ ହିଁ କଲି, ତେବେଯାଇ ସେ ସୁଧୁରିବ । ଜ୍ଞାନୀଙ୍କ ଦୃଷ୍ଟିରେ କ୍ରୋଧ କରିବା ତାହା ପୂର୍ବକର୍ମର ଫଳ ଅଟେ, କିନ୍ତୁ ଆଜି ପୁନଃ ନୂଆ କର୍ମବୀଜ ଭିତରେ ବୁଣି ଦିଏ । ଭିତରେ ଖୁସି ହୁଏ ତେବେ ଖରାପ ବୀଜ ବୁଣି ଦେଲା ଆଉ ଯଦି ପଶ୍ଚାତାପ ହୁଏ ତେବେ ନୂଆ ଭଲ ବୀଜ ବୁଣୁଅଛି ଆଉ ଯେଉଁ କ୍ରୋଧ କରେ, ତାହା ସ୍ଥୁଳ କର୍ମ ଅଟେ, ତାହାର ଫଳସ୍ୱରୂପ କେହି ତା'କୁ ମାରିବ-ପିଟିବ । ସେହି କର୍ମଫଳର ପରିଣାମ ଏହିଠାରେ ମିଳିଯାଏ । ଆଜି ଯେଉଁ କ୍ରୋଧ ହେଲା, ତାହା ପୂର୍ବକର୍ମର ଫଳ ଆସିଛି ।

କର୍ମର 'ଚାର୍ଜିଙ୍ଗ୍' କିପରି ହୁଏ ? କର୍ତ୍ତାଭାବରୁ କର୍ମ 'ଚାର୍ଜ' ହୁଏ । କର୍ତ୍ତାଭାବ କାହାକୁ କହନ୍ତି ? କରୁଅଛି ଅନ୍ୟ କେହି ଆଉ 'ମୁଁ କଲି' ଏପରି ମାନି ନିଅନ୍ତି, ତାହା ହିଁ କର୍ତ୍ତାଭାବ ।

କର୍ତ୍ତାଭାବ କାହିଁକି ହୋଇଯାଏ ? ଅହଙ୍କାର କାରଣରୁ । ଅହଙ୍କାର କାହାକୁ କହନ୍ତି ? ଯାହା 'ନିଜେ' ନୁହେଁ ତଥାପି ସେଠି 'ମୁଁ ଅଟେ' ଏପରି ମାନି ନିଏ, 'ନିଜେ'

କରେ ନାହିଁ, ତଥାପି 'ମୁଁ କଲି', ଏପରି ମାନି ନିଏ, ତାହା ହିଁ ଅହଙ୍କାର । 'ନିଜେ' ଦେହ ସ୍ୱରୂପ ନୁହେଁ, ବାଣୀ ସ୍ୱରୂପ ନୁହେଁ, ମନ ସ୍ୱରୂପ ନୁହେଁ, ନାମ ସ୍ୱରୂପ ନୁହେଁ, ତଥାପି ଏସବୁ 'ମୁଁ ହିଁ ଅଟେ' ନିଜେ ଏପରି ମାନି ନିଏ, ତାହା ହିଁ ଅହଙ୍କାର । ଅର୍ଥାତ ଅଜ୍ଞାନତାରୁ ଅହଙ୍କାର ସୃଷ୍ଟି ହୋଇଯାଇଛି । ଏବଂ ତାହା ଦ୍ୱାରା ନିରନ୍ତର କର୍ମବନ୍ଧନ ହେଉଅଛି ।

ଯେବେ ଜ୍ଞାନୀପୁରୁଷ ମିଳିଯାନ୍ତି ସେ ଅଜ୍ଞାନତା 'ଫ୍ରାକ୍‌ଚର' କରି ଦିଅନ୍ତି ଏବଂ 'ନିଜେ କିଏ', ତାହାର ଜ୍ଞାନ ଦିଅନ୍ତି ଏବଂ 'ଏସବୁ କିଏ କରୁଅଛି', ସେହି ଜ୍ଞାନ ମଧ୍ୟ ଦିଅନ୍ତି । ତାହା ପରେ ଅହଙ୍କାର ଚାଲିଯାଏ । ନୂଆ କର୍ମ ଚାର୍ଜ ହେବା ବନ୍ଦ ହୋଇଯାଏ, ପରେ କେବଳ ଡିସ୍‌ଚାର୍ଜ କର୍ମ ବାକି ରହେ । ତାହାର ସମଭାବରେ *ନିକାଲ୍* କରିବା ପରେ ମୁକ୍ତି ହୋଇଯାଏ ।

ପରମ ପୂଜ୍ୟ ଦାଦାଶ୍ରୀଙ୍କ ପାଖରେ ଦୁଇ ଘଣ୍ଟାରେ ହିଁ ଜ୍ଞାନପ୍ରାପ୍ତି ହୋଇଯାଉଥିଲା ।

କର୍ମର ବୀଜ ଜୀବ ପୂର୍ବଜନ୍ମରେ ବୁଣେ ଆଉ ଆଜି ଏହି ଜନ୍ମରେ କର୍ମଫଳ ଭୋଗିବାକୁ ପଡ଼େ । ତେବେ ଏଠି କର୍ମର ଫଳ ଦେବାବାଲା କିଏ ? ଏହି ରହସ୍ୟକୁ ପୂଜ୍ୟ ଦାଦାଶ୍ରୀ ବୁଝାଇଛନ୍ତି ଯେ 'ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ୍ ଏଭିଡେନ୍ସ' ଦ୍ୱାରା ଏହି ଫଳ ଆସେ । ଫଳ ଭୋଗିବା ସମୟରେ ଅଜ୍ଞାନତା କାରଣରୁ ରାଗ୍-ଦ୍ୱେଷ କରେ, 'ମୁଁ କଲି' ଏପରି ମାନେ, ଯାହାଦ୍ୱାରା ନୂଆ କର୍ମ ଚାର୍ଜ ହୁଏ । ଜ୍ଞାନୀପୁରୁଷ ଏପରି ବିଜ୍ଞାନ ଦେଇ ଦିଅନ୍ତି ଯାହାଦ୍ୱାରା ନୂଆ କର୍ମ ଚାର୍ଜ ହୁଏ ନାହିଁ, ଫଳସ୍ୱରୂପ ପୂର୍ବଜନ୍ମର ବନ୍ଧା ହୋଇଥିବା କର୍ମର ଫଳ ପୂରା ହୋଇଯାଏ ଏବଂ ନୂଆ କର୍ମ ଚାର୍ଜ ହୋଇ ନଥାଏ ତେଣୁ ମୁକ୍ତି ହୋଇଯାଏ ।

ଏହି ପୁସ୍ତିକାରେ, ପରମ ପୂଜ୍ୟ ଦାଦା ଭଗବାନ ନିଜ ଜ୍ଞାନରେ ଅବଲୋକନ କରି ଦୁନିଆକୁ ଯେଉଁ କର୍ମର ସିଦ୍ଧାନ୍ତ ଦେଲେ ତାହା ପ୍ରସ୍ତୁତ କରାଯାଇଛି । ତାହା ଦାଦାଶ୍ରୀଙ୍କ ବାଣୀରେ ସଙ୍କଳିତ ହୋଇଛି । ତାହା ବହୁତ ସଂକ୍ଷେପରେ ଅଛି, ତଥାପି ପାଠକଙ୍କୁ କର୍ମର ସିଦ୍ଧାନ୍ତ ବୁଝାପଡ଼ିଯିବ ଏବଂ ଜୀବନର ପ୍ରତ୍ୟେକ ପ୍ରସଙ୍ଗରେ ସମାଧାନ ପ୍ରାପ୍ତ ହେବ ।

**-ଡା. ନୀରୂବେନ ଅମୀନଙ୍କ ଜୟ ସଚ୍ଚିଦାନନ୍ଦ**

# ଅନୁକ୍ରମଣିକା


| | ପୃଷ୍ଠା |
|---|---|
| ୧. ରେସ୍ପନ୍ସିବଲ୍ କିଏ ? | 1 |
| ୨. କର୍ମବନ୍ଧନ, କର୍ତ୍ତବ୍ୟରୁ ନା କର୍ତ୍ତାଭାବରୁ ? | 2 |
| ୩. କର୍ମ, କର୍ମଫଳର ସାଇନ୍ସ ! | 4 |
| ୪. କର୍ତ୍ତାପଦ ନା ଆଶ୍ରିତପଦ ? | 15 |
| ୫. ନିଷ୍କାମ କର୍ମ ଦ୍ୱାରା କର୍ମବନ୍ଧନ ? | 17 |
| ୬. କର୍ମ, କର୍ମ ଚେତନା, କର୍ମଫଳ ଚେତନା ! | 19 |
| ୭. ଜୀବନରେ ଐଚ୍ଛିକ କ'ଣ ? | 24 |
| ୮. ପ୍ରାରବ୍ଧ - ପୁରୁଷାର୍ଥର ଡିମାର୍କେଶନ୍ ! | 26 |
| ୯. ପ୍ରତ୍ୟେକ ଇଫେକ୍ଟରେ କଜେଜ୍ କାହାର ? | 30 |
| ୧୦. ସୂକ୍ଷ୍ମ ଶରୀର କ'ଣ ? | 33 |
| ୧୧. ଇଣ୍ଟେଣ୍ଟ୍ କଲା କିଏ ? ଜାଣିଲା କିଏ ? | 35 |

# କର୍ମର ସିଦ୍ଧାନ୍ତ

## ରେସ୍ପନ୍ସିବଲ୍ କିଏ ?

**ପ୍ରଶ୍ନକର୍ତ୍ତା :** ଯଦି ଅନ୍ୟ ଶକ୍ତି ଆମଦ୍ୱାରା କରାଉଛି ତେବେ ମୁଁ ଯାହା ଖରାପ କର୍ମ କରେ, ସେହି କର୍ମର ବନ୍ଧନ ମୋତେ କାହିଁକି ହୁଏ ? ମୋ ଦ୍ୱାରା ତ କରାଯାଇଥିଲା ?

**ଦାଦାଶ୍ରୀ :** କାହିଁକିନା ତୁମେ ଦାୟିତ୍ୱଭାର ସ୍ୱୀକାର କରୁଛ ଯେ 'ଏହା ମୁଁ କଲି ।' ଆଉ ମୁଁ ଏହି ଦାୟିତ୍ୱଭାର ନିଏ ନାହିଁ, ତେବେ ମୋତେ କୌଣସି ଦୋଷ ଲାଗେ ନାହିଁ । ତୁମେ ତ କର୍ତ୍ତା ଅଟ । 'ମୁଁ ଏହା କଲି, ତାହା କଲି, ଖାଇଲି, ପାଣି ପିଇଲି, ଏ ସବୁର ମୁଁ କର୍ତ୍ତା ଅଟେ', ଏପରି କହୁଛ ନା ତୁମେ ? ଏହା ଦ୍ୱାରା କର୍ମବନ୍ଧନ ହୁଏ । କର୍ତ୍ତାର ଆଧାରରୁ କର୍ମବନ୍ଧନ ହୁଏ । 'ନିଜେ' କର୍ତ୍ତା ନୁହେଁ । କୌଣସି ବ୍ୟକ୍ତି କୌଣସି ଜିନିଷରେ କର୍ତ୍ତା ନୁହେଁ । ସେ ତ ଖାଲି ଇଗୋଇଜମ୍(ଅହଙ୍କାର) କରେ ଯେ 'ମୁଁ କଲି' । ଦୁନିଆ ଏହିପରି ଚାଲୁଅଛି । 'ମୁଁ ଏହା କଲି, ମୁଁ ପୁଅର ବାହାଘର କଲି' ଏପରି କହିବାରେ ଅସୁବିଧା ନାହିଁ । କହିବା ତ ଉଚିତ, କିନ୍ତୁ ଏ ତ ଇଗୋଇଜମ୍ କରୁଛି ।

'ତୁମେ ★ଚନ୍ଦୁଭାଇ ଅଟ', ତାହା ମିଛ କଥା ନୁହେଁ । ତାହା ସତ କଥା । କିନ୍ତୁ ରିଲେଟିଭ୍ ସତ, ନଟ୍ ରିୟଲ୍ । ଆଉ ତୁମେ ରିୟଲ୍ ଅଟ । ରିଲେଟିଭ୍ ସାପେକ୍ଷ ଅଟେ ଏବଂ ରିୟଲ୍ ନିରପେକ୍ଷ ଅଟେ । ତୁମେ 'ନିଜେ' ନିରପେକ୍ଷ ଅଟ ଏବଂ କହୁଛ, ଯେ 'ମୁଁ ଚନ୍ଦୁଭାଇ' । ପୁଣି ତୁମେ 'ରିଲେଟିଭ୍' ହୋଇଗଲ । ଅଲ୍ ଦିଜ୍ ରିଲେଟିଭ୍‌ସ ଆର୍ ଟେମ୍ପରାରୀ ଏଡ୍‌ଜଷ୍ଟମେଣ୍ଟ୍‌ସ । କେହି ଚୋରି କରେ, ଦାନ ଦିଏ, ସେ ସବୁ ମଧ୍ୟ ପରସତ୍ତା କରାଏ ଆଉ ସେ ନିଜେ ଏପରି ମାନେ ଯେ 'ମୁଁ କଲି' ତେବେ ପୁଣି ତାହାର ଦୋଷ ଲାଗେ । ସାରା ଜୀବନରେ ତୁମେ ଯାହା ବି କିଛି କରୁଛ, ତାହାର ଉତ୍ତରଦାୟୀ କେହି ନୁହଁନ୍ତି । ଜନ୍ମରୁ ନେଇ 'ଲାଷ୍ଟ ଷ୍ଟେସନ୍' ପର୍ଯ୍ୟନ୍ତ ଯାହା କିଛି କଲ, ତାହାର ଉତ୍ତରଦାୟିତ୍ୱ ତୁମର ବିଲକୁଲ ବି ନୁହେଁ । କିନ୍ତୁ ତୁମେ ନିଜେ ହିଁ ଉତ୍ତରଦାୟିତ୍ୱ

★ ପାଠକେ ଚନ୍ଦୁଭାଇ ସ୍ଥାନରେ ନିଜ ନାମ ପଢ଼ନ୍ତୁ

ସ୍ୱୀକାର କରୁଛ ଯେ, 'ଏହା ମୁଁ କଲି, ଏହା ମୁଁ କଲି, ମୁଁ ଖରାପ କଲି, ମୁଁ ଭଲ କଲି ।' ଏହିପରି ନିଜେ ହିଁ ଉତ୍ତରଦାୟିତ୍ୱ ସ୍ୱୀକାର କରେ ।

**ପ୍ରଶ୍ନକର୍ତ୍ତା :** କେହି ଶ୍ରୀମନ୍ତ ହୁଏ, କେହି ଗରିବ ହୁଏ, କେହି ଅଶିକ୍ଷିତ ହୁଏ, ଏପରି ତା'ର ହେବାର କାରଣ କ'ଣ ?

**ଦାଦାଶ୍ରୀ :** ନୋବଡ଼ୀ ଇଜ୍ ରେସ୍ପନ୍ସିବଲ୍ (କେହି ଉତ୍ତରଦାୟୀ ନୁହଁନ୍ତି) ।

ସେ କର୍ମର ଉତ୍ତରଦାୟୀ କେତେ ? ସେ 'ମୁଁ କଲି' ଏପରି କହେ, କେବଳ ସେତିକି ଉତ୍ତରଦାୟୀ ଅଟେ, ଅନ୍ୟ କିଛି ନୁହେଁ । 'ମୁଁ କଲି' ଏପରି ଇଗୋଇଜମ୍ କରେ, ଏତିକି ଉତ୍ତରଦାୟୀ ଅଟେ । ଏ ଯେଉଁ ପଶୁପକ୍ଷୀ ଅଛନ୍ତି, ସେମାନେ ଆଦୌ ଉତ୍ତରଦାୟୀ ନୁହଁନ୍ତି, କାରଣ ସେମାନେ ଇଗୋଇଜମ୍ ହିଁ କରନ୍ତି ନାହିଁ ।

ଏ ବାଘ, ସେ କେତେ ସାରା ପଶୁପକ୍ଷୀ ମାରି ପକାଏ, ଖାଇଯାଏ କିନ୍ତୁ ତା'ର ଉତ୍ତରଦାୟିତ୍ୱ ନାହିଁ । ବିଲ୍‌କୁଲ, ନୋ ରେସ୍ପନ୍ସିବିଲିଟୀ । ଏ ମନୁଷ୍ୟ ତ, 'ମୁଁ ଏହା କଲି, ମୁଁ ତାହା କଲି' କହେ, 'ମୁଁ ଖରାପ କଲି, ମୁଁ ଭଲ କଲି' ଏପରି ଇଗୋଇଜମ୍ କରେ ଏବଂ ସବୁ ଉତ୍ତରଦାୟିତ୍ୱ ମୁଣ୍ଡକୁ ନିଏ । ବିରାଡ଼ି ଏତେ ମୂଷା ଖାଇଯାଏ, କିନ୍ତୁ ତା'ର ଉତ୍ତରଦାୟିତ୍ୱ ନାହିଁ । ନୋବଡ଼ୀ ଇଜ୍ ରେସ୍ପନ୍ସିବଲ୍ ଏକ୍ସେପ୍ଟ ମ୍ୟାନକାଇଣ୍ଡ(ମାନବଜାତି ବ୍ୟତୀତ ଅନ୍ୟ କେହି ଉତ୍ତରଦାୟୀ ନୁହଁନ୍ତି) । ଦେବଲୋକ ମଧ୍ୟ ରେସ୍ପନ୍ସିବଲ୍ ନୁହଁନ୍ତି ।

ଏଠାରେ ତୁମକୁ ସମ୍ପୂର୍ଣ୍ଣ ସତ୍ୟ ଜାଣିବାକୁ ମିଳିବ । ଏହା ଗିଲ୍ଟ (Gilt) ସତ୍ୟ ନୁହେଁ, କମ୍ପ୍ଲିଟ୍ ସତ୍ୟ ଅଟେ । ମୁଁ 'ଯେପରି ଅଟେ ସେପରି' ହିଁ କହେ ।

ଦୁନିଆ ଏହିପରି ଚାଲୁଅଛି । ସେ ଇଗୋଇଜମ୍ କରେ, ସେଥିପାଇଁ କର୍ମ ବାନ୍ଧେ ।

## କର୍ମବନ୍ଧନ, କର୍ତ୍ତବ୍ୟରୁ ନା କର୍ତ୍ତାଭାବରୁ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏପରି କୁହାଯାଇଛି ନା ଯେ କର୍ମ ଏବଂ କର୍ତ୍ତବ୍ୟରୁ ହିଁ ମୋକ୍ଷ ମିଳେ ?

**ଦାଦାଶ୍ରୀ :** ତୁମେ ଯେଉଁ କର୍ମ କରୁଛ, ସେହି କର୍ମ ତୁମେ ନିଜେ କରୁ ନାହଁ

କିନ୍ତୁ ତୁମକୁ ଏପରି ଲାଗୁଛି ଯେ, 'ମୁଁ କରୁଛି!' ଏହାର କର୍ତ୍ତା କିଏ? 'ଚନ୍ଦୁଭାଇ'। ଯଦି 'ତୁମେ' 'ଚନ୍ଦୁଭାଇ' ଅଟ ତେବେ 'ତୁମେ' କର୍ମର କର୍ତ୍ତା ଅଟ ଆଉ ଯଦି 'ତୁମେ' 'ଆତ୍ମା' ହୋଇଗଲ, ତେବେ ପୁଣି 'ତୁମେ' କର୍ମର କର୍ତ୍ତା ନୁହଁ। ପରେ ତୁମକୁ କର୍ମ ଛୁଏଁ ହିଁ ନାହିଁ। ତୁମେ 'ମୁଁ ଚନ୍ଦୁଭାଇ ଅଟେ', ଏପରି କହି ସବୁ କରୁଛ। ବାସ୍ତବରେ ତୁମେ ଚନ୍ଦୁଭାଇ ହିଁ ନୁହଁ, ସେଥିପାଇଁ କର୍ମବନ୍ଧନ ହୁଏ।

**ପ୍ରଶ୍ନକର୍ତ୍ତା :** ଚନ୍ଦୁଭାଇ ତ ଲୋକଙ୍କ ପାଇଁ ଅଟେ କିନ୍ତୁ ଯେଉଁ ଆତ୍ମା ଥାଏ, ସେ କର୍ମ କରାଏ ନା?

**ଦାଦାଶ୍ରୀ :** ନା। ଆତ୍ମା କିଛି କରାଏ ନାହିଁ, ସେ ତ ଏଥିରେ ହାତ ହିଁ ମାରେ ନାହିଁ। ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ୍ ଏଭିଡେନ୍ସ(ବୈଜ୍ଞାନିକ ସଂଯୋଗଯୁକ୍ତ ପ୍ରମାଣ) ସବୁ କରେ। ଆତ୍ମା, ସେ ହିଁ ଭଗବାନ। ତୁମେ ଯଦି ଆତ୍ମାକୁ ଚିହ୍ନିନେବ ତେବେ ପୁଣି ତୁମେ ଭଗବାନ ହୋଇଗଲ, କିନ୍ତୁ ତୁମକୁ ଆତ୍ମାର ପରିଚୟ ହୋଇ ନାହିଁ ନା! ସେଥିପାଇଁ ଆତ୍ମାର ଜ୍ଞାନ ହେବା ଦରକାର।

**ପ୍ରଶ୍ନକର୍ତ୍ତା :** ଆତ୍ମାର ପରିଚୟ ହେବାପାଇଁ ଟାଇମ୍ ଲାଗେ, ଷ୍ଟଡି କରିବାକୁ ପଡ଼େ ନା?

**ଦାଦାଶ୍ରୀ :** ନା, ତାହା ଲକ୍ଷେ ଜନ୍ମ ଷ୍ଟଡି(ଅଧ୍ୟୟନ) କଲେ ମଧ୍ୟ ହୁଏ ନାହିଁ। ଯଦି 'ଜ୍ଞାନୀପୁରୁଷ' ମିଳିବେ ତେବେ ତୁମକୁ ଆତ୍ମାର ପରିଚୟ ହୋଇଯିବ।

'ମୁଁ କଲି' କହିବା ମାତ୍ରେ କର୍ମବନ୍ଧନ ହୋଇଯାଏ। 'ଏହା ମୁଁ କଲି', ଏଥିରେ 'ଇଗୋଇଜମ୍' ଅଛି ଏବଂ 'ଇଗୋଇଜମ୍' ଦ୍ୱାରା କର୍ମବନ୍ଧନ ହୁଏ। ଯେଉଁଠି ଇଗୋଇଜମ୍ ହିଁ ନାହିଁ, 'ମୁଁ କଲି' ଏପରି ନାହିଁ, ସେଠି କର୍ମ ହୁଏ ନାହିଁ। ଖାଇବା ମଧ୍ୟ ଚନ୍ଦୁଭାଇ ଖାଏ, ତୁମେ ନିଜେ ଖାଅ ନାହିଁ। ସମସ୍ତେ କହନ୍ତି ଯେ 'ମୁଁ ଖାଇଲି', ସେ ସବୁ ଭୁଲ କଥା ଅଟେ।

**ପ୍ରଶ୍ନକର୍ତ୍ତା :** ସେ ଚନ୍ଦୁଭାଇ ସବୁ କରେ?

**ଦାଦାଶ୍ରୀ :** ହଁ, ଚନ୍ଦୁଭାଇ ସବୁ ଖାଏ ଏବଂ ଚନ୍ଦୁଭାଇ ହିଁ *ପୁଦ୍‌ଗଲ୍* ଅଟେ, ସେ ଆତ୍ମା ନୁହେଁ। କଥା ବୁଝାପଡୁଛି ନା? ତୁମର ସବୁ କିଏ ଚଲାଉଛି? ବ୍ୟାପାର କିଏ କରୁଛି?

**ପ୍ରଶ୍ନକର୍ତ୍ତା :** ମୁଁ ହିଁ ଚଲାଉଛି ।

**ଦାଦାଶ୍ରୀ :** ଆରେ, ତୁମେ କିଏ ଚଲାଇବାବାଲା ? ତୁମକୁ ଝାଡ଼ା ଯିବାର ଶକ୍ତି ଅଛି ? କେଉଁ ଡକ୍ଟରକୁ ଥିବ ?

**ପ୍ରଶ୍ନକର୍ତ୍ତା :** କାହାରିକୁ ନାହିଁ ।

**ଦାଦାଶ୍ରୀ :** ମୁଁ ବଡ଼ୋଦରାରେ ଫରେନ୍ ରିଟର୍ଣ୍ଣ ସବୁ ଡକ୍ଟରଙ୍କୁ ଡାକିଲି ଏବଂ କହିଲି ଯେ, 'ତୁମ ମଧ୍ୟରୁ କାହାକୁ ଝାଡ଼ା ଯିବାର ଶକ୍ତି ଅଛି ?' ତେବେ ସେମାନେ କହିବାକୁ ଲାଗିଲେ, 'ଆରେ, ଆମେ ତ ଅନେକ ପେସେଣ୍ଟଙ୍କର କରାଇ ଦେଉ ।' ପୁଣି ମୁଁ କହିଲି ଯେ ଭାଇ, ଯେବେ ତୁମର ଝାଡ଼ା ବନ୍ଦ ହୋଇଯିବ, ସେତେବେଳେ ତୁମକୁ ଜଣା ପଡ଼ିଯିବ ଯେ ତାହା ଆମ ଶକ୍ତି ନଥିଲା, ସେତେବେଳେ ଅନ୍ୟ ଡକ୍ଟରଙ୍କ ଆବଶ୍ୟକତା ପଡ଼ିବ । ନିଜକୁ ଝାଡ଼ା ଯିବାର ବି ସ୍ୱତନ୍ତ୍ର ଶକ୍ତି ନାହିଁ ଆଉ ଏ ଲୋକେ କୁହନ୍ତି ଯେ 'ମୁଁ ଆସିଲି, ମୁଁ ଗଲି, ମୁଁ ଶୋଇଗଲି, ମୁଁ ଏହା କଲି, ମୁଁ ତାହା କଲି, ମୁଁ ବାହା ହେଲି ।' ବାହା ହେବାବାଲା ନଟୁ ତୁ କିଏ ?! ବିବାହ ତ ହୋଇଯାଇଥିଲା । ପୂର୍ବ ଯୋଜନା ହୋଇସାରିଥିଲା, ତାହା ଆଜି ରୂପକରେ ଆସିଲା । ତାହା ବି ତୁମେ କରି ନାହଁ, ପ୍ରକୃତି ତାହା କରିଛି । ସବୁ ଲୋକ 'ଇଗୋଇଜମ୍' କରନ୍ତି ଯେ 'ମୁଁ ଏହା କଲି, ମୁଁ ତାହା କଲି ।' କିନ୍ତୁ ତୁମେ କ'ଣ କଲ ? ଝାଡ଼ା ଯିବାର ତ ଶକ୍ତି ନାହିଁ । ଏ ସବୁ ପ୍ରକୃତିର ଶକ୍ତି ଅଟେ । ବାକିସବୁ ଭ୍ରାନ୍ତି ଅଟେ । ଅନ୍ୟ ଶକ୍ତି ତୁମ ପାଖରୁ କରାଏ ଆଉ ତୁମେ ନିଜେ ମାନୁଛ ଯେ 'ମୁଁ ଏହା କଲି ।'

## କର୍ମ, କର୍ମଫଳର ସାଇନ୍ସ !

**ଦାଦାଶ୍ରୀ :** ତୁମର ସବୁକିଛି କିଏ ଚଲାଉଛି ?

**ପ୍ରଶ୍ନକର୍ତ୍ତା :** ସବୁ କର୍ମାନୁସାରେ ଚାଲିଛି । ପ୍ରତ୍ୟେକ ବ୍ୟକ୍ତି କର୍ମରେ ବନ୍ଧା ହୋଇଛି ।

**ଦାଦାଶ୍ରୀ :** ସେ କର୍ମ କିଏ କରାଉଛି ?

**ପ୍ରଶ୍ନକର୍ତ୍ତା :** ଆପଣଙ୍କର ଏହି ପ୍ରଶ୍ନ ବହୁତ କଠିନ ଅଟେ । ଅନେକ ଜନ୍ମରୁ କର୍ମର ଚକ୍ରର ଚାଲୁଅଛି । କର୍ମର ଥିଓରୀ ବୁଝାନ୍ତୁ ।

**ଦାଦାଶ୍ରୀ :** ରାତି ଏଗାରଟା ବେଳେ ତୁମ ଘରକୁ ଯଦି କେହି ଗେଷ୍ଟ ଆସନ୍ତି,

ଚାରି-ପାଞ୍ଚ ଜଣ, ତେବେ ତୁମେ କ'ଣ କୁହ ଯେ, 'ଆସନ୍ତୁ, ଆସନ୍ତୁ, ଏଠାରେ ବସନ୍ତୁ' ଆଉ ଭିତରେ କ'ଣ ଚାଲିଥାଏ, 'ଏହି ଅବେଳରେ କେଉଁଠୁ ଆସିଗଲେ, ଏତେ ରାତିରେ', ଏପରି ହୁଏ ନାହିଁ? ତୁମକୁ ପସନ୍ଦ ନଥିବ ତଥାପି ତୁମେ ଖୁସି ହୁଅ ନା ?

**ପ୍ରଶ୍ନକର୍ତ୍ତା :** ନା, ମନରେ ତାଙ୍କ ଉପରେ ରାଗ ଆସେ ।

**ଦାଦାଶ୍ରୀ :** ଆଉ ବାହାରେ ଭଲ କର ?! ହଁ, ତେବେ ତାହା ହିଁ କର୍ମ । ବାହାରେ ଯାହା କର, ତାହା କର୍ମ ନୁହେଁ । ଭିତରେ ଯାହା ହୁଏ, ତାହା ହେଉଛି କର୍ମ । ତାହା କଜ୍ (କାରଣ) ଅଟେ, ତାହାର ଇଫେକ୍ଟ(ପରିଣାମ) ଆସିବ । କ'ଣ କେବେ ଏପରି ହୁଏ ଯେ ତୁମକୁ ଶାଶୁ ଉପରେ ରାଗ ଆସେ ?

**ପ୍ରଶ୍ନକର୍ତ୍ତା :** ମନରେ ତ ଏପରି ବହୁତ ହୁଏ ।

**ଦାଦାଶ୍ରୀ :** ତାହା ହେଉଛି କର୍ମ । ସେ ଭିତରେ ଯେଉଁ ହୁଏ ନା, ତାହା ହେଉଛି କର୍ମ । କର୍ମକୁ ଅନ୍ୟ କେହି ଦେଖିପାରିବେ ନାହିଁ । ଆଉ ଯଦି ଅନ୍ୟ କେହି ଦେଖିପାରେ, ତେବେ ତାହା କର୍ମଫଳ ଅଟେ । କିନ୍ତୁ ଦୁନିଆର ଲୋକେ ତ, ଯାହା ଆଖିକୁ ଦେଖାଯାଏ ଯେ ତୁମେ କ୍ରୋଧ କଲ, ତାହାକୁ ହିଁ କର୍ମ କହନ୍ତି । ତୁମେ କ୍ରୋଧ କଲ, ସେଥିପାଇଁ ତୁମକୁ ଶାଶୁ ମାରିଲା, ତାହାକୁ ଏ ଲୋକେ କର୍ମର ଫଳ ଆସିଲା, ଏପରି କହନ୍ତି ।

**ପ୍ରଶ୍ନକର୍ତ୍ତା :** ଏହି ଜନ୍ମରେ ଯାହା ବି ରାଗ୍-ଦ୍ୱେଷ(ଆସକ୍ତି-ଘୃଣା) ହୁଏ, ତାହାର ଫଳ ଏହି ଜନ୍ମରେ ହିଁ ଭୋଗିବାକୁ ପଡ଼େ ନା ଆସନ୍ତା ଜନ୍ମରେ ଭୋଗିବାକୁ ପଡ଼େ ? ଯାହା ବି ଆମେ ଭଲ କର୍ମ କରୁ, ଖରାପ କର୍ମ କରୁ, ତାହାର ଫଳ ଏହି ଜନ୍ମରେ ହିଁ ମିଳେ ନା ଆସନ୍ତା ଜନ୍ମରେ ଫଳ ମିଳେ ?

**ଦାଦାଶ୍ରୀ :** ଏପରି ଅଟେ, ଭଲ କଲ, ଖରାପ କଲ, ତାହା (ସ୍ଥୁଳ) କର୍ମ ଅଟେ । ତାହାର ଫଳ ତ ଏହି ଜନ୍ମରେ ହିଁ ଭୋଗିବାକୁ ପଡ଼େ । ସବୁ ଲୋକ ଦେଖନ୍ତି ଯେ ଇଏ ଏହି ଖରାପ କର୍ମ କଲା, ଇଏ ଚୋରି କଲା, ଇଏ ବେଇମାନୀ କଲା, ଇଏ ଧୋକା କଲା, ସେ ସବୁ (ସ୍ଥୁଳ) କର୍ମ ଅଟେ । ଯାହା ଲୋକେ ଦେଖିପାରନ୍ତି, ସେହି କର୍ମର ଫଳ ଏହିଠାରେ ହିଁ ଭୋଗିବାକୁ ପଡ଼େ । ଆଉ ସେହି କର୍ମ କରିବା ସମୟରେ ଯେଉଁ ରାଗ୍-ଦ୍ୱେଷ ଉତ୍ପନ୍ନ ହୁଏ, ତାହା ଆସନ୍ତା ଜନ୍ମରେ ଭୋଗିବାକୁ ପଡ଼େ । ରାଗ୍-

ଦ୍ୱେଷ, ତାହା ସୂକ୍ଷ୍ମ କଥା ଅଟେ, ତାହା ହିଁ ଯୋଜନା ଅଟେ । ପୁଣି ଯୋଜନା ରୂପକରେ ଆସିଯିବ, ଯାହା କାଗଜରେ ଅଛି, ନକ୍ସା ରୂପେ ଅଛି, ତାହା ରୂପକରେ ଆସିଯିବ ଏବଂ ରୂପକରେ ଯାହା ଆସିଲା ତାହା (ସ୍ଥୁଳ) କର୍ମ ଅଟେ । ଯାହା ଅନ୍ୟ ବ୍ୟକ୍ତି ଦେଖିପାରେ ଯେ ଇଏ ଗାଳି ଦେଲା, ଇଏ ମାରିଲା, ଇଏ ପଇସା ଦେଲା ନାହିଁ, ସେସବୁ ଏଠାକାର ଏଇଠି ହିଁ ଭୋଗିବାକୁ ହେବ । ଦେଖ, ମୁଁ ତୁମକୁ ବୁଝାଉଛି ଯେ ଏହା କିପରି ଚାଲୁଅଛି !

ଏକ ତେର ବର୍ଷର ପିଲା ଅଛି । ତା' ବାପା କୁହେ ଯେ, 'ତୁ ହୋଟେଲକୁ ଖାଇବା ପାଇଁ କାହିଁକି ଯାଉଛୁ ? ତୋ ଦେହ ଖରାପ ହୋଇଯିବ । ତୋତେ କୁସଙ୍ଗ ମିଳିଯାଇଛି, ତୋର ଏପରି କରିବା ଠିକ ନୁହେଁ ।' ଏହିପରି ବାପ ପୁଅକୁ ବହୁତ ଗାଳି କରେ । ପୁଅକୁ ବି ଭିତରେ ବହୁତ ପଶ୍ଚାତାପ ହୁଏ ଏବଂ ସ୍ଥିର କରେ ଯେ ଏବେ ଆଉ ହୋଟେଲ ଯିବି ନାହିଁ । କିନ୍ତୁ ସେ କୁସଙ୍ଗବାଲା ବ୍ୟକ୍ତି ଯେତେବେଳେ ମିଳିଯାଏ, ସେତେବେଳେ ସବୁ ଭୁଲିଯାଏ, ଅଥବା ହୋଟେଲ ଦେଖିବା ମାତ୍ରେ ହୋଟେଲରେ ପଶିଯାଏ । ସେ ତା' ଇଚ୍ଛାରେ କରେ ନାହିଁ । ତାହା ତା'ର କର୍ମର ଉଦୟ ଅଟେ । ଆମ ଲୋକେ କ'ଣ କହନ୍ତି ଯେ ଖରାପ ଜିନିଷ ଖାଉଛି । ଆରେ, ସେ କ'ଣ କରିବ ବିଚରା ! ତା'ର କର୍ମର ଉଦୟରୁ ଏସବୁ ହୁଏ । ତୁମେ ତା'କୁ କହିବା ଛାଡ଼ି ଦେବ ନାହିଁ । ଡ୍ରାମାଟିକ୍ କହିବ ଯେ 'ବାବା, ଏପରି କରିବା ଉଚିତ ନୁହେଁ, ତୋ ଦେହ ଖରାପ ହୋଇଯିବ ।' କିନ୍ତୁ ସେଠି ତ ସତରେ କୁହେ ଯେ 'ଅଯୋଗ୍ୟ, ବଦମାସ' ଏବଂ ମାରେ । ଏପରି କରିବ ନାହିଁ । ଏପରି ହେଲେ ତ ୟୁ ଆର୍ ଅନ୍‌ଫିଟ୍ ଟୁ ବି ଏ ଫାଦର୍ । ଫିଟ୍ ତ ହେବା ଉଚିତ ନା ? ସେ ଅନ୍‌କ୍ୱାଲିଫାଏଡ୍ ଫାଦର୍ ଏଣ୍ଡ୍ ମଦର୍ କ'ଣ ଚଳନ୍ତି ? କ'ଣ କ୍ୱାଲିଫାଏଡ୍ ହେବା ଉଚିତ ନୁହେଁ ?

ଏ ପିଲା ଯେଉଁ ଖାଏ, ତାହାକୁ ଆମ ଲୋକେ କହନ୍ତି, ଯେ 'ସେ କର୍ମ ବାନ୍ଧିଲା' । ଆମ ଲୋକଙ୍କୁ ଆଗ କଥା ବୁଝା ପଡ଼େ ନାହିଁ । ବାସ୍ତବରେ ତ ପିଲାଦ୍ୱାରା ତା' ଇଚ୍ଛା ବିରୁଦ୍ଧରେ ହୋଇଯାଏ । କିନ୍ତୁ ଏ ଲୋକେ ତାହାକୁ କର୍ମ କହନ୍ତି । ତାହାର ଯେଉଁ ଫଳ ଆସେ, ତା'କୁ ନାଳଝାଡ଼ା, ଡିସେଣ୍ଟ୍ରି ହୁଏ, ତେବେ କହନ୍ତି ଯେ, 'ତୁ ଏହି ଖରାପ କର୍ମ କରିଥିଲୁ, ହୋଟେଲରେ ଖାଉଥିଲୁ, ସେଥିପାଇଁ ଏପରି ହେଲା ।' ତାହା କର୍ମର ପରିଣାମ ଅଟେ । ଏହି ଜନ୍ମରେ ଯେଉଁ କାମ କଲ, ତାହାର ପରିଣାମ ଏହିଠାରେ ହିଁ ଭୋଗିବାକୁ ପଡ଼େ ।

**ପ୍ରଶ୍ନକର୍ତ୍ତା :** ଏହି ଜନ୍ମରେ ଆମେ ନୂଆ କର୍ମ କିପରି ବାନ୍ଧିବୁ? ଯେବେକି ଆମେ ପୂର୍ବ ଜନ୍ମର କର୍ମ ଭୋଗୁଅଛୁ, ଯିଏ ପଛର ହିସାବ ଭୋଗୁଅଛି, ସେ ଆଗାମୀ ଜନ୍ମ ପାଇଁ ନୂଆ କର୍ମ କିପରି ବାନ୍ଧିବ ?

**ଦାଦାଶ୍ରୀ :** ଏ 'ସରଦାରଜୀ', ସେ ପୂର୍ବର କର୍ମ ଭୋଗୁଅଛି, ସେହି ସମୟରେ ଭିତରେ ନୂଆ କର୍ମ ବାନ୍ଧୁଅଛି । ତୁମେ ଯେତେବେଳେ ଖାଅ, ସେତେବେଳେ କ'ଣ କୁହ ଯେ 'ବହୁତ ବଢ଼ିଆ ହୋଇଛି' ଆଉ ପୁଣି ଭିତରେ ଯଦି ପଥର ବାହାରିବ ତେବେ ପୁଣି ତୁମକୁ କ'ଣ ହେବ ?

**ପ୍ରଶ୍ନକର୍ତ୍ତା :** ମୁଣ୍ଡ ଗରମ ହୋଇଯାଏ ।

**ଦାଦାଶ୍ରୀ :** ମିଠା ଖାଏ, ତାହା ପୂର୍ବଜନ୍ମର ଅଟେ ଏବଂ ଏବେ ତାହା ଭଲ ଲାଗେ, ଖୁସି ହୋଇ ଖାଏ, ଘରଲୋକଙ୍କ ଉପରେ ଖୁସି ହୋଇଯାଏ, ଏହାଦ୍ୱାରା ତା'କୁ ରାଗ(ଆସକ୍ତି) ହୁଏ । ଆଉ ପୁଣି ଖାଇବା ସମୟରେ ଯଦି ପଥର ବାହାରିଲା ତେବେ ଅସନ୍ତୁଷ୍ଟ ହୁଏ । ଖୁସି ଏବଂ ଅସନ୍ତୁଷ୍ଟ ହୁଏ, ତାହାଦ୍ୱାରା ନୂଆ ଜନ୍ମ ପାଇଁ କର୍ମ ବାନ୍ଧି ହୋଇଗଲା । ନହେଲେ ଖାଇବାରେ କୌଣସି ଅସୁବିଧା ନାହିଁ । ହାଲୱା ଖାଅ, କିଛି ବି ଖାଅ କିନ୍ତୁ ଖୁସି, ଅସନ୍ତୁଷ୍ଟ ନହେବା ଉଚିତ । ଯାହା ହୋଇଥିବ ତାହା ଖାଇନିଅ ।

**ପ୍ରଶ୍ନକର୍ତ୍ତା :** ତାହା ତ ଠିକ୍, କିନ୍ତୁ ସେ ଯିଏ ପୂର୍ବର ଖରାପ କର୍ମ ଭୋଗୁଅଛି, ପୁଣି ନୂଆ ଜନ୍ମ ଭଲ କିପରି ହେବ ?

**ଦାଦାଶ୍ରୀ :** ଦେଖ, ଏବେ କେହି ବ୍ୟକ୍ତି ତୁମର ଅପମାନ କଲା, ତେବେ ତାହା ପୂର୍ବ ଜନ୍ମର ଫଳ ଆସିଲା । ସେହି ଅପମାନକୁ ଯଦି ସହିନେବା, ବିଲକୁଲ ଶାନ୍ତ ରହିବା ଏବଂ ସେହି ସମୟରେ ଯଦି ଜ୍ଞାନ ଉପସ୍ଥିତ ହୋଇଯାଏ ଯେ 'ଗାଳି ଦେଉଛି, ସେ ତ ନିମିତ୍ତ(ମାଧ୍ୟମ) ଅଟେ ଏବଂ ମୋର ଯେଉଁ କର୍ମ ଅଛି, ତାହାର ହିଁ ଫଳ ଦେଉଛି, ସେଥିରେ ତା'ର କ'ଣ ଦୋଷ !' ତେବେ ପୁଣି ନୂଆ ଭଲ କର୍ମର ବନ୍ଧନ ହୁଏ ଆଉ ଅନ୍ୟ ଜଣେ ବ୍ୟକ୍ତି ଥାଏ, ଯଦି ତା'ର ଅପମାନ ହୋଇଗଲା ତେବେ ସାମ୍ନାବାଲାକୁ କିଛି ନା କିଛି ଅପମାନିତ କରିଦିଏ, ଏହାଦ୍ୱାରା ଖରାପ କର୍ମ ବାନ୍ଧେ ।

**ପ୍ରଶ୍ନକର୍ତ୍ତା :** ଆପଣ ତ ଲୋକଙ୍କୁ ଜ୍ଞାନ ଦେଉଛନ୍ତି, ତେବେ ଆପଣ ଭଲ କର୍ମ ବାନ୍ଧୁଛନ୍ତି ?

**ଦାଦାଶ୍ରୀ :** ମୋତେ କେବେ କର୍ମବନ୍ଧନ ହୁଏ ହିଁ ନାହିଁ ଏବଂ ମୁଁ ଯାହାକୁ ଜ୍ଞାନ

ଦେଇଛି, ସେ ମଧ୍ୟ କର୍ମ ବାନ୍ଧେ ନାହିଁ । କିନ୍ତୁ ଯେପର୍ଯ୍ୟନ୍ତ ଜ୍ଞାନ ନ ମିଳିଛି ସେପର୍ଯ୍ୟନ୍ତ ମୁଁ ଯେପରି ବତାଇଛି, ସେପରି କରିବା ଉଚିତ, ଏହାଦ୍ୱାରା ଭଲ ଫଳ ମିଳେ । ଯେଉଁଠି ପାପର ବନ୍ଧନ ହେଉଥିଲା, ସେହିଠାରେ ହିଁ ପୁଣ୍ୟ ବାନ୍ଧେ ଏବଂ ତାହାକୁ ଧର୍ମ କୁହାଯାଏ ।

**ପ୍ରଶ୍ନକର୍ତ୍ତା :** ଆମେ ଦାନ-ପୁଣ୍ୟ କରୁ, ତେବେ ତାହାର ଫଳ ଆସନ୍ତା ଜନ୍ମରେ ମିଳୁ ସେଥିପାଇଁ କରୁ ? ଏହା ସତ୍ୟ ଅଟେ ?

**ଦାଦାଶ୍ରୀ :** ହଁ, ସତ୍ୟ ଅଟେ, ଭଲ କରିବ ତେବେ ଭଲ ଫଳ ମିଳିବ, ଖରାପ କରିବ ତେବେ ଖରାପ ଫଳ ମିଳିବ । ଏଥିରେ ଅନ୍ୟ କାହାର ଅବସ୍ଟ୍ରକ୍ସନ୍(ବାଧା) ନାହିଁ । ଅନ୍ୟ କୌଣସି ଭଗବାନ ଅଥବା ଅନ୍ୟ କୌଣସି ଜୀବ ତୁମ ରାସ୍ତାରେ ଅବସ୍ଟ୍ରକ୍ଟ କରିପାରିବେ ନାହିଁ । ତୁମର ହିଁ ଅବସ୍ଟ୍ରକ୍ସନ୍ ଅଟେ । ତୁମ କର୍ମର ହିଁ ପରିଣାମ ଅଟେ । ତୁମେ ଯେପରି କରିଛ, ତୁମକୁ ସେହିପରି ହିଁ ମିଳିଛି । ଭଲ-ଖରାପ ଏହାର ପୁରା ଅର୍ଥ ଏପରି ଅଟେ, ଦେଖ, ତୁମେ ପାଞ୍ଚ ହଜାର ଟଙ୍କା ଭଗବାନଙ୍କ ମନ୍ଦିର ପାଇଁ ଦେଲ ଏବଂ ଏ ଭାଇ ମଧ୍ୟ ପାଞ୍ଚ ହଜାର ଟଙ୍କା ଭଗବାନଙ୍କ ମନ୍ଦିର ପାଇଁ ଦେଲେ । ତେବେ ଏହାର ଫଳ ଅଲଗା-ଅଲଗା ମିଳେ । ତୁମ ମନରେ ବହୁତ ଇଚ୍ଛା ଥିଲା ଯେ, 'ମୁଁ ଭଗବାନଙ୍କ ମନ୍ଦିରରେ କିଛି ଦେବି, ମୋ ପାଖରେ ପଇସା ଅଛି, ତେବେ ସତ୍ ମାର୍ଗରେ ଚାଲିଯାଉ' ଏପରି କରିବାର ବିଚାର ଥିଲା । ଆଉ ଏ ତୁମ ମିତ୍ର ପଇସା ଦେଲେ, ପରେ ସେ କ'ଣ କହିବାକୁ ଲାଗିଲେ ଯେ, 'ଏ ତ ମେୟର୍ ଜବରଦସ୍ତି କଲା, ସେଥିପାଇଁ ଦେବାକୁ ପଡ଼ିଲା, ନହେଲେ ମୁଁ ତ ଦେବାବାଲା ବ୍ୟକ୍ତି ହିଁ ନୁହେଁ ।' ତେବେ ଏହାର ଫଳ ଭଲ ମିଳେ ନାହିଁ । ଭାବ ଯେପରି ହୁଏ, ସେହିପରି ହିଁ ଫଳ ମିଳେ । ଆଉ ତୁମକୁ ପୁରା ଫଳ ମିଳିବ ।

**ପ୍ରଶ୍ନକର୍ତ୍ତା :** ସୁନାମର ଲାଳସା କରିବା ଉଚିତ ନୁହେଁ ?

**ଦାଦାଶ୍ରୀ :** ସୁନାମ ତାହା ତ ଫଳ ଅଟେ । ତୁମେ ପାଞ୍ଚ ହଜାର ଟଙ୍କା ନିଜ କୀର୍ତ୍ତି ପାଇଁ ଦେଲ ତେବେ ଯେତିକି କୀର୍ତ୍ତି ମିଳିଲା ସେତିକି ଫଳ କମ ହୋଇଗଲା । କୀର୍ତ୍ତି ଯଦି ନ ମିଳେ ତେବେ ପୁରା ଫଳ ମିଳିବ । ସେଠି ତ ଚେକ୍ ୱିଥ୍ ଇଣ୍ଟ୍ରେଷ୍ଟ୍, ବୋନସ୍ ପୁରା ମିଳିବ । ନହେଲେ, ଅଧା ଫଳ ତ କୀର୍ତ୍ତି ରେ ହିଁ ଚାଲିଗଲା, ପୁଣି ବୋନସ୍ ଅଧା ହୋଇଯିବ । କୀର୍ତ୍ତି ତ ତୁମକୁ ଏଇଠି ହିଁ ମିଳିଯାଏ । ସବୁ ଲୋକ କହନ୍ତି ଯେ, 'ଏହି ସେଠ୍ ପାଞ୍ଚ ହଜାର ଦେଲେ, ପାଞ୍ଚ ହଜାର ଦେଲେ' ଏବଂ ତୁମେ ଖୁସି

ହୋଇଯାଅ । ଏଣୁ ଦାନ ଗୁପ୍ତ ରଖିବା ଉଚିତ । ଦେଖାଦେଖିରେ ଦାନ କରିବା, ପ୍ରତିଯୋଗିତାରେ ପଡ଼ି ଦାନ କରିବା ତେବେ ତାହାର ପୁରା ଫଳ ମିଳେ ନାହିଁ । ଭଗବାନଙ୍କ ପାଖରେ ଟଙ୍କାଟିଏ ବି ଯଦି ଗୁପ୍ତ ରୂପରେ ଦେଲ, ଏବଂ ଅନ୍ୟ ଜଣେ ୨୦ ହଜାର ଦେଇ ଫଳକ ଲଗାଇଲା, ତେବେ ତାହାର ଫଳ ତା'କୁ ଏଇଠି ହିଁ ମିଳିଗଲା । ଏଇଠି ହିଁ ତା'କୁ ଯଶ, କୀର୍ତ୍ତି, ବାଃ ବାଃ ମିଳିଗଲା । ତା'ର ପେମେଣ୍ଟ୍ ଫଳକ ଦ୍ୱାରା ହୋଇଗଲା । ପେମେଣ୍ଟ୍ ବାକି ରହିଲା ନାହିଁ । ନହେଲେ ତ ଏକ ଟଙ୍କା ଦିଅ, କିନ୍ତୁ କେହି ନ ଜାଣିବେ, ଏପରି ଦେବ । ଫଳକ ନ ଲଗାଇବା, ତେବେ ବହୁତ ଉଚ୍ଚ ଫଳ ମିଳେ । ଫଳକ ତ', ମନ୍ଦିରରେ ଚାରି କାନ୍ଥରେ କେବଳ ଫଳକ ହିଁ ଲଗା ହୋଇଛି । ଏହାର କିଛି ଅର୍ଥ ଅଛି ? କିଏ ପଢ଼ିବ ତାହାକୁ ? କୋଉ ବୋପା ବି ପଢ଼ିବ ନାହିଁ ।

ଦାନ ଅର୍ଥାତ ଅନ୍ୟ କୌଣସି ବି ଜୀବକୁ ସୁଖ ଦେବା । ମନୁଷ୍ୟ ହେଉ ଅବା ଅନ୍ୟ କୌଣସି ବି ପଶୁପକ୍ଷୀ ହେଉ, ସେ ସମସ୍ତଙ୍କୁ ସୁଖ ଦେବା, ତାହାର ନାମ ଦାନ । ଅନ୍ୟକୁ ସୁଖ ଦେଲ ତେବେ ତାହାର ରିଏକ୍ସନ୍‌ରେ ନିଜକୁ ସୁଖ ମିଳେ ଏବଂ ଦୁଃଖ ଦେଲ ତେବେ ପୁଣି ଦୁଃଖ ଆସିବ । ଏହିପରି ତୁମକୁ ସୁଖ-ଦୁଃଖ ଘରେ ବସି ଆସିବ । କିଛି ନ ଦେଇ ପାରିଲେ ତା'କୁ ଖାଇବାକୁ ଦିଅ, ପୁରୁଣା କପଡ଼ା ଦିଅ । ତାହାଦ୍ୱାରା ତା'କୁ ଶାନ୍ତି ମିଳିବ । କାହାରି ମନକୁ ସୁଖ ଦେଲ ତେବେ ନିଜ ମନକୁ ସୁଖ ପ୍ରାପ୍ତ ହେବ, ଏହା ସବୁ ବ୍ୟବହାର ଅଟେ । କାରଣ ପ୍ରତ୍ୟେକ ଜୀବ ମଧ୍ୟରେ ଭଗବାନ ଅଛନ୍ତି, ଏଣୁ ତା'ର ବାହାରର କାମକୁ ଆମେ ଦେଖିବା ଉଚିତ ନୁହେଁ, ତା'କୁ ହେଲ୍ପ କରିବା ଉଚିତ । ତା'କୁ ହେଲ୍ପ କଲ ତେବେ ସେହି ହେଲ୍ପ ର ପରିଣାମ ଆମ ପାଖକୁ ସୁଖ ଆସିବ ଆଉ ଦୁଃଖ ଦେଲ ତେବେ ଦୁଃଖର ପରିଣାମ ଆମ ପାଖକୁ ଦୁଃଖ ଆସିବ । ଏଣୁ ପ୍ରତିଦିନ ସକାଳେ ସ୍ଥିର କରିବା ଉଚିତ ଯେ 'ମୋ ମନ-ବଚନ-କାୟା ଦ୍ୱାରା କୌଣସି ବି ଜୀବକୁ କିଞ୍ଚିତମାତ୍ର ଦୁଃଖ ନ ହେଉ, ନ ହେଉ, ନ ହେଉ ।', ଆଉ ଯଦି କେହି ଆମକୁ ଦୁଃଖ ଦେଇଯାଏ ତେବେ ତାହାକୁ ନିଜ ଖାତାରେ ଜମା କରିଦେବ । ନନ୍ଦଲାଲ ତୁମକୁ ଦୁଇଟି ଗାଳି ଦେଲା ତେବେ ତାହାକୁ ନନ୍ଦଲାଲ ଖାତାରେ ଜମା କରିଦେବ, କାରଣ ପୂର୍ବ ଅବତାରରେ ତୁମେ ଉଧାର ଦେଇଥିଲ । ତୁମେ ଦୁଇଟି ଗାଳି ଦେଇଥିଲ ତେବେ ଦୁଇ ଫେରି ଆସିଲା । ଆଜି ଯଦି ପୁଣି ପାଞ୍ଚଥର ଗାଳି ଦେବ ତେବେ ସେ ପୁଣିଥରେ ପାଞ୍ଚ ଫେରାଇବ । ଯଦି ତୁମକୁ ଏଭଳି ବ୍ୟାପାର କରିବା ପସନ୍ଦ ନାହିଁ, ତେବେ ଉଧାର ଦେବା ବନ୍ଦ କରିଦିଅ ।

କେହି କ୍ଷତି କରୁଛି, ପକେଟ ମାରୁଛି, ତେବେ ସେ ସବୁ ନିଜର ହିଁ ପରିଣାମ ଅଟେ । ସେ ଯେତିକି ଦେଇଥିଲା, ସେତିକି ହିଁ ଆସେ । ତାହା ନିୟମପୂର୍ବକ ହିଁ ଅଟେ ସବୁ, ନିୟମରୁ ବାହାରେ ଦୁନିଆରେ କିଛି ନାହିଁ । ଦାୟିତ୍ୱ ନିଜର ଅଟେ । ୟୁ ଆର୍ ହୋଲ୍ ଏଣ୍ଡ୍ ସୋଲ୍ ରେସ୍ପନ୍ସିବଲ୍ ଫର୍ ୟୋର୍ ଲାଇଫ୍(ତୁମେ ହିଁ ତୁମ ଜୀବନ ପାଇଁ ସମ୍ପୂର୍ଣ୍ଣ ଉତ୍ତରଦାୟୀ ଅଟ) ! ଏହି ଗୋଟିଏ ଲାଇଫ୍ ପାଇଁ ନୁହେଁ, ଅନନ୍ତ ଜନ୍ମର ଲାଇଫ୍ ପାଇଁ । ସେଥିପାଇଁ ଲାଇଫ୍‌ରେ ବହୁତ ଦାୟିତ୍ୱପୂର୍ବକ ରହିବା ଉଚିତ । ଫାଦର୍‌ଙ୍କ ସହିତ, ମଦର୍ ସହିତ, ୱାଇଫ୍ ସହିତ, ପିଲାଙ୍କ ସହିତ, ସମସ୍ତଙ୍କ ସହିତ ଦାୟିତ୍ୱ ଅଛି ତୁମର । ଆଉ ଏ ସମସ୍ତଙ୍କ ସହିତ ତୁମର କି ସମ୍ବନ୍ଧ ଅଛି ? ଗରାଖର ବ୍ୟାପାରି ସହିତ ଯେଉଁ ସମ୍ବନ୍ଧ ଥାଏ, ସେହିପରି ସମ୍ବନ୍ଧ ।

**ପ୍ରଶ୍ନକର୍ତ୍ତା :** ଏବେ ମୁଁ କିଛି କାର୍ଯ୍ୟ କରିବି ତେବେ ତାହାର ଫଳ ମୋତେ ଏହି ଜନ୍ମରେ ମିଳିବ ନା ପର ଜନ୍ମରେ ମିଳିବ ?

**ଦାଦାଶ୍ରୀ :** ଦେଖ, ଯେତେ କର୍ମ ଆଖିକୁ ଦେଖାଯାଏ, ତାହାର ଫଳ ତ ଏଇଠି, ଏହି ଜନ୍ମରେ ମିଳିବ ଆଉ ଯାହା ଆଖିରେ ଦେଖାଯାଏ ନାହିଁ, ଭିତରେ ହୋଇଯାଏ, ସେହି କର୍ମର ଫଳ ପର ଜନ୍ମରେ ମିଳିବ ।

ଜଣେ ବ୍ୟକ୍ତି ମୁସଲମାନ୍ ଅଟେ, ତା'ର ପାଞ୍ଚ ପୁଅ ଏବଂ ଦୁଇ ଝିଅ ଅଛନ୍ତି । ତା' ପାଖରେ ପଇସା ବି ନାହିଁ । ତା' ସ୍ତ୍ରୀ ଦିନେ କୁହେ ଯେ ଆମ ପିଲାଙ୍କୁ ମାଂସ ଖୁଆଅ । ତେବେ ସେ କୁହେ ଯେ 'ମୋ ପାଖରେ ପଇସା ନାହିଁ, କେଉଁଠୁ ଆଣିବି ?' ତେବେ ପୁଣି ସେ ବିଚାର କଲା ଯେ ଜଙ୍ଗଲରେ ହରିଣ ଥାଏ ତେବେ ଗୋଟିଏ ହରିଣ ମାରି ଆଣିବ ଏବଂ ପିଲାଙ୍କୁ ଖୁଆଇବ । ପୁଣି ସେ ଏକ ହରିଣ ମାରି ଆଣିଲା ଏବଂ ପିଲାଙ୍କୁ ଖୁଆଇଲା । ଜଣେ ଶିକାରୀ ବ୍ୟକ୍ତି ଥିଲା । ସେ ଶିକାରର ସଉକବାଲା ଥିଲା । ସେ ଜଙ୍ଗଲକୁ ଗଲା ଏବଂ ସେ ମଧ୍ୟ ହରିଣକୁ ମାରିଦେଲା । ପୁଣି ଖୁସି ହେବାକୁ ଲାଗିଲା ଯେ ଦେଖ, ଥରକରେ ହିଁ ମୁଁ ଏ ହରିଣ ମାରିଦେଲି ।

ସେ ମୁସଲମାନ୍‌କୁ, ପିଲାଙ୍କୁ ଖାଇବା ପାଇଁ ନଥିଲା, ସେଥିପାଇଁ ହରିଣକୁ ମାରିଦେଲା କିନ୍ତୁ ତା'କୁ ଭିତରେ ଏହା ଠିକ ଲାଗେ ନାହିଁ, ତେବେ ତା'ର ଦୋଷ ୨୦% ଅଟେ । ୧୦୦% ନର୍ମାଲ୍ ଅଟେ, ତେବେ ମୁସଲମାନ୍‌କୁ ୨୦% ଦୋଷ ଲାଗିଲା ଆଉ ସେ ଶିକାରୀ ସଉକ କରେ, ତା'ର ୧୫୦% ଦୋଷ ହୋଇଗଲା । କ୍ରିୟା ଏକ ପ୍ରକାରର ହିଁ ଅଟେ, କିନ୍ତୁ ତାହାର ଦୋଷ ଅଲଗା ଅଲଗା ଅଟେ ।

**ପ୍ରଶ୍ନକର୍ତ୍ତା :** କାହାକୁ ଦୁଃଖ ଦେଇ ଯିଏ ପ୍ରସନ୍ନ ହୁଏ, ସେ ୧୫୦% ଦୋଷ କରେ ?

**ଦାଦାଶ୍ରୀ :** ସେ ଶିକାରୀ ଖୁସି ହେଲା, ଏହାଦ୍ୱାରା ୫୦% ବଢ଼ିଗଲା । ଖୁସି ନ ହୋଇଥାନ୍ତା ତେବେ ୧୦୦% ଦୋଷ ଥିଲା ଆଉ ଇଏ ପଶ୍ଚାତାପ କଲା ତେବେ ୮୦% କମ ହୋଇଗଲା । ଯିଏ କର୍ତ୍ତା ନୁହେଁ, ତା'କୁ ଦୋଷ ଲାଗେ ହିଁ ନାହିଁ । ଯିଏ କର୍ତ୍ତା ଅଟେ, ତା'କୁ ହିଁ ଦୋଷ ଲାଗେ ।

**ପ୍ରଶ୍ନକର୍ତ୍ତା :** ତାହେଲେ ଅଜାଣତରେ ଯଦି ପାପ ହୋଇଯାଇଥିବ ତେବେ ତାହା ପାପ ନୁହେଁ ?

**ଦାଦାଶ୍ରୀ :** ନା, ଅଜାଣତରେ ବି ପାପ ତ ସେତିକି ହିଁ ଅଟେ । ଦେଖ, ସେ ଅଗ୍ନି, ସେଥିରେ ଏକ ପିଲାର ହାତ ଏମିତି ଭୁଲରେ ପଡ଼ିଗଲା, ତେବେ କିଛି ଫଳ ଦିଏ ?

**ପ୍ରଶ୍ନକର୍ତ୍ତା :** ହଁ, ଜଳିଯାଏ ।

**ଦାଦାଶ୍ରୀ :** ଫଳ ତ ସମାନ ହିଁ ଅଟେ । ଅଜାଣତରେ କର ଅବା ଜାଣିଶୁଣି କର, ଫଳ ତ ସମାନ ହିଁ ଅଟେ । କିନ୍ତୁ ତାହା ଭୋଗିବା ସମୟରେ ହିସାବ ଅଲଗା ହୁଏ । ଯେବେ ଭୋଗିବାର ସମୟ ଆସେ ସେତେବେଳେ ଯିଏ ଜାଣିଶୁଣି କରିଥାଏ, ତା'କୁ ଜାଣିଶୁଣି ଭୋଗିବାକୁ ପଡ଼େ ଆଉ ଯିଏ ଅଜାଣତରେ କରିଥାଏ ତା'କୁ ଅଜାଣତରେ ଭୋଗିବାକୁ ପଡ଼େ । ତିନି ବର୍ଷର ଏକ ଶିଶୁ, ତା'ର ମା ମରିଗଲା ଏବଂ ବାଇଶ ବର୍ଷର ପୁଅ, ତା' ମା ମରିଗଲା ତେବେ ମା ତ ଦୁହିଁଙ୍କର ମରିଗଲେ କିନ୍ତୁ ଶିଶୁକୁ ଅଜାଣତରେ କରିଥିବା କର୍ମର ଫଳ ମିଳିଲା ଏବଂ ସେ ପୁଅକୁ ଜାଣିଶୁଣି କରିଥିବା କର୍ମର ଫଳ ମିଳିଲା ।

**ପ୍ରଶ୍ନକର୍ତ୍ତା :** ମନୁଷ୍ୟ ଏହି ଜୀବନରେ ଯାହା ବି କାମ କରେ, କିଛି ଭୁଲ ମଧ୍ୟ କରେ ତେବେ ତାହାର ଫଳ ତା'କୁ କିପରି ମିଳେ ?

**ଦାଦାଶ୍ରୀ :** କେହି ବ୍ୟକ୍ତି ଚୋରି କରେ, ଏଥିରେ ଭଗବାନଙ୍କୁ କୌଣସି ଅସୁବିଧା ନାହିଁ । କିନ୍ତୁ ଚୋରି କରିବା ସମୟରେ ଯଦି ତା'କୁ ଏପରି ଲାଗେ ଯେ 'ଏତେ ଖରାପ କାମ ମୋ ଭାଗରେ କେଉଁଠୁ ଆସିଲା । ମୋତେ ଏଭଳି କାମ ଦରକାର ନାହିଁ, କିନ୍ତୁ ଏ କାମ କରିବାକୁ ପଡୁଛି । ମୋତେ ଏ କାମ କରିବାର ବିଚାର

ନାହିଁ, କିନ୍ତୁ କରିବାକୁ ପଡୁଛି ।' ଏବଂ ଭିତର ଭଗବାନଙ୍କ ପାଖରେ ଯଦି ଏପରି ପ୍ରାର୍ଥନା କରେ ତେବେ ତା'କୁ ଚୋରିର ଫଳ ମିଳେ ନାହିଁ । ଯେଉଁ ଦୋଷ ଦେଖାଯାଉଛି, ସେହି ଦୋଷ କରିବା ସମୟରେ ଭିତରେ କ'ଣ କରୁଛି, ତାହା ଦେଖିବାର ଆବଶ୍ୟକତା ଅଛି । ସେହି ସମୟରେ ଯଦି ଏପରି ପ୍ରାର୍ଥନା କରେ, ତେବେ ସେ ଦୋଷ, ଦୋଷରେ ଗଣାଯାଏ ନାହିଁ, ସେ ମୁକୁଳିଯାଏ । ୟୁ ଆର୍ ହୋଲ୍ ଏଣ୍ଡ୍ ସୋଲ୍ ରେସ୍ପନ୍ସିବଲ୍ ଫର୍ ୟୋର୍ ଡିଡ୍ସ (ତୁମେ ହିଁ ତୁମ କର୍ମ ପାଇଁ ସମ୍ପୂର୍ଣ୍ଣ ଉତ୍ତରଦାୟୀ ଅଟ) ! ଏବେ ଯେପରି କରିବ, ସେହିପରି ହିଁ ଫଳ ଆଗକୁ ଆସିବ । ତାହା ତୁମ କର୍ମର ହିଁ ଫଳ ଅଟେ ।

**ପ୍ରଶ୍ନକର୍ତ୍ତା :** ଏବେ ଭଲ କଲା ତେବେ ପର ଜନ୍ମରେ ଭଲ ମିଳିବ ନା ଏହି ଜନ୍ମରେ ଭଲ ମିଳେ ?

**ଦାଦାଶ୍ରୀ :** ହଁ, ଏହି ଜନ୍ମରେ ବି ଭଲ ମିଳେ । ତୁମକୁ ଏବେ ତାହାର ଟ୍ରାଏଲ୍ ନେବାର ଅଛି ? ତାହାର ଟ୍ରାଏଲ୍ ଯଦି ନେବାର ଥିବ ତେବେ ଜଣେ ବ୍ୟକ୍ତିକୁ ଦୁଇ-ଚାରି ଚାପୁଡ଼ା ମାରି, ଦୁଇ-ଚାରି ଗାଳି ଦେଇ ଘରକୁ ଯାଅ ତେବେ କ'ଣ ହେବ ?

**ପ୍ରଶ୍ନକର୍ତ୍ତା :** କିଛି ନା କିଛି ତ ରେଜଲ୍ଟ ବାହାରିବ ।

**ଦାଦାଶ୍ରୀ :** ନା, ପୁଣି ତ ନିଦ ବି ଆସେ ନାହିଁ । ଯାହାକୁ ଗାଳି ଦେଲ, ଚାପୁଡ଼ା ମାରିଲ ତା'କୁ ତ ନିଦ ଆସେ ନାହିଁ, କିନ୍ତୁ ନିଜକୁ ବି ନିଦ ଆସେ ନାହିଁ । ଯଦି ତୁମେ ତା'କୁ କିଛି ନା କିଛି ଆନନ୍ଦ କରାଇ ଘରକୁ ଯାଅ ତେବେ ତୁମକୁ ମଧ୍ୟ ଆନନ୍ଦ ହୁଏ । ଦୁଇ ପ୍ରକାରର ଫଳ ମିଳେ । ଭଲ କଲ ତେବେ ମିଠା ଫଳ ମିଳେ ଆଉ କାହାକୁ ଖରାପ କହିଲ ତେବେ ତାହାର ପିତା ଫଳ ମିଳେ । କାହାର ଖରାପ କୁହ ନାହିଁ, କାରଣ ପ୍ରତ୍ୟେକ ଜୀବ ମଧ୍ୟରେ ଭଗବାନ ହିଁ ଅଛନ୍ତି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଯେଉଁ ଭଲ କଲା ତାହାର ଫଳ ଏହି ଜନ୍ମରେ ତ ମିଳେ ନାହିଁ ?

**ଦାଦାଶ୍ରୀ :** ସେ ଭଲ କଲା ନା, ତାହାର ଫଳ ତ ଏବେ ହିଁ ମିଳେ । କିନ୍ତୁ ଭଲ କଲା, ତାହା ମଧ୍ୟ ଫଳ ଅଟେ । ତୁମେ ତ ଭ୍ରାନ୍ତିରେ କହୁଛ ଯେ 'ମୁଁ ଭଲ କଲି ।' ପୂର୍ବଜନ୍ମରେ ଭଲ କରିବାର ବିଚାର କରିଥିଲା, ତାହାର ଫଳସ୍ୱରୂପ ଏବେ ଭଲ କରେ । ଜନ୍ମରୁ ପୁରା ଜୀବନ ସାରା ସେହି ଫଳ ହିଁ ମିଳେ । ତୁମକୁ 53 ଇୟର୍ ହୋଇଗଲା, ଏପର୍ଯ୍ୟନ୍ତ ଯେଉଁ ସର୍ଭିସ୍ ମିଳିଲା ତାହା ମଧ୍ୟ ଫଳ ଥିଲା । ବଡୀ(ଦେହ)କୁ

କେତେ ସୁଖ ଅଛି, କେତେ ଦୁଃଖ ଅଛି, ତାହା ମଧ୍ୟ ଫଳ ଅଟେ । ଝିଅ ମିଳିଲା, ସ୍ତ୍ରୀ ମିଳିଲା, ସବୁକିଛି ମିଳିଲା, ବାପା-ମା ମିଳିଲେ, ଘର ମିଳିଲା, ସେ ସବୁ ଫଳ ହିଁ ମିଳେ ।

**ପ୍ରଶ୍ନକର୍ତ୍ତା :** କର୍ମର ହିଁ ଫଳ ଯଦି ମିଳେ, ତେବେ ସେଥିରେ କିଛି ସୁସଙ୍ଗତ ତ ହେବା ଉଚିତ ନା ?

**ଦାଦାଶ୍ରୀ :** ହଁ, ସୁସଙ୍ଗତ ହିଁ ଅଟେ । This world is ever regular !

**ପ୍ରଶ୍ନକର୍ତ୍ତା :** କର୍ମ ଏହିଠାରେ ହିଁ ଭୋଗିବାକୁ ପଡ଼େ ନା ?

**ଦାଦାଶ୍ରୀ :** ହଁ, ଯାହା ସ୍ଥୂଳ କର୍ମ ଅଟେ, ଆଖିରେ ଦେଖିପାରିବା ଏଭଳି ଯେଉଁ କର୍ମ, ସେସବୁ ଏହିଠାରେ ହିଁ ଭୋଗିବାକୁ ପଡ଼େ ଆଉ ଆଖିକୁ ଦେଖାଯାଏ ନାହିଁ, ଏଭଳି ସୂକ୍ଷ୍ମ କର୍ମ ତାହା ଆସନ୍ତା ଜନ୍ମ ପାଇଁ ।

**ପ୍ରଶ୍ନକର୍ତ୍ତା :** କର୍ମର ଉଦୟ ଆସେ ତେବେ ସେଥିରେ ତନ୍ମୟାକାର ହେବା ଦ୍ୱାରା ଭୋଗିବାକୁ ପଡ଼େ ନା ତନ୍ମୟାକାର ନହେବା ଦ୍ୱାରା ?

**ଦାଦାଶ୍ରୀ :** ଉଦୟରେ ଯିଏ ତନ୍ମୟାକାର ନ ହୁଏ, ସେ ଜ୍ଞାନୀ । ଅଜ୍ଞାନୀ ଉଦୟରେ ତନ୍ମୟାକାର ନ ହୋଇ ରହିପାରିବ ନାହିଁ, କାରଣ ଅଜ୍ଞାନୀର ଏତେ ବଳ ନାହିଁ ଯେ ଉଦୟରେ ତନ୍ମୟାକାର ନ ହେବ । ହଁ, ଅଜ୍ଞାନୀ କେଉଁ ଜାଗାରେ ତନ୍ମୟାକାର ହୁଏ ନାହିଁ ? ଯାହା ନିଜକୁ ପସନ୍ଦ ନୁହେଁ, ସେଠାରେ ତନ୍ମୟାକାର ହୁଏ ନାହିଁ ଆଉ ଅଧିକ ପସନ୍ଦ, ସେଠି ତନ୍ମୟାକାର ହୋଇଯାଏ । ଯାହା ପସନ୍ଦ, ସେଥିରେ ଯଦି ତନ୍ମୟାକାର ହେଲା ନାହିଁ ତେବେ ତାହା ପୁରୁଷାର୍ଥ ଅଟେ । କିନ୍ତୁ ଏହା ଅଜ୍ଞାନୀକୁ ହୋଇପାରିବ ନାହିଁ ।

ଏସବୁ ଲୋକ ଯେଉଁ କହନ୍ତି ଯେ କର୍ମ ବନ୍ଧନ ହେଉଛି । ତେବେ କର୍ମ ବନ୍ଧନ ହେଉଛି, ତାହାର ଅର୍ଥ କ'ଣ ଯେ କର୍ମ ଚାର୍ଜ ହୁଏ । ଚାର୍ଜରେ କର୍ତ୍ତା ହୁଏ ଏବଂ ଡିସ୍‌ଚାର୍ଜରେ ଭୋକ୍ତା ହୁଏ । ମୁଁ ଜ୍ଞାନ ଦେବା ପରେ କର୍ତ୍ତା ରହିବ ନାହିଁ, ଖାଲି ଭୋକ୍ତା ହିଁ ରହିବ । କର୍ତ୍ତା ରହିଲା ନାହିଁ ତେବେ ସବୁ ଚାର୍ଜ ବନ୍ଦ ହୋଇଯିବ । ଖାଲି ଡିସ୍‌ଚାର୍ଜ ହିଁ ରହିବ । ଏହା ସାଇନ୍ସ ଅଟେ । ମୋ ପାଖରେ ଏ ପୁରା ୱାର୍ଲଡ(ଜଗତ)ର ସାଇନ୍ସ ଅଛି । ତୁମେ କିଏ ? ମୁଁ କିଏ ? ଏହା କିପରି ଚାଲୁଅଛି ? କିଏ ଚଲାଉଛି ? ସେ ସବୁ ସାଇନ୍ସ ଅଟେ ।

**ପ୍ରଶ୍ନକର୍ତ୍ତା :** ବ୍ୟକ୍ତି ମରିଯାଏ, ତେବେ ଆତ୍ମା ଏବଂ ଦେହ ଅଲଗା ହୋଇଯାଏ, ତେବେ ପୁଣି ଆତ୍ମା ଅନ୍ୟ ଶରୀରରେ ଯାଏ ନା ପରମେଶ୍ୱରରେ ବିଲୀନ ହୋଇଯାଏ ? ଯଦି ଅନ୍ୟ ଶରୀରରେ ଯାଏ ତେବେ କ'ଣ କର୍ମ ଯୋଗୁଁ ଯାଏ ?

**ଦାଦାଶ୍ରୀ :** ହଁ, ଅନ୍ୟ କେହି ନାହିଁ, କର୍ମ ହିଁ ନେଇଯିବାବାଲା ଅଟେ । ସେହି କର୍ମରୁ *ପୁଦ୍‌ଗଲ୍* ଭାବ ହୁଏ । *ପୁଦ୍‌ଗଲ୍* ଭାବ ଅର୍ଥାତ ପ୍ରାକୃତ ଭାବ, ତାହା ଯଦି ହାଲୁକା ଥିବ ତେବେ ଦେବଗତିରେ, ଉର୍ଦ୍ଧ୍ୱଗତିରେ ନେଇଯାଏ, ତାହା ଭାରୀ ଥିବ ତେବେ ଅଧୋଗତିରେ ନେଇଯାଏ, ନର୍ମାଲ୍ ଥିବ ତେବେ ଏଇଠି ହିଁ ରହେ, ସଜ୍ଜନରେ, ମନୁଷ୍ୟରେ ରହେ । ପ୍ରାକୃତ ଭାବ ପୂରା ହୋଇଗଲା ତେବେ ମୋକ୍ଷରେ ଚାଲିଯାଏ ।

**ପ୍ରଶ୍ନକର୍ତ୍ତା :** କେହି ବ୍ୟକ୍ତି ମରିଗଲା ତେବେ ତା'ର କୌଣସି ଇଚ୍ଛା ଯଦି ରହିଯାଇ ଥିବ ତେବେ ସେହି ଇଚ୍ଛା ପୂରା କରିବା ପାଇଁ ସେ କ'ଣ ପ୍ରୟାସ କରେ ?

**ଦାଦାଶ୍ରୀ :** ଆମର ଏହି 'ଜ୍ଞାନ' ମିଳିଗଲା ଏବଂ ତା'କୁ ଇଚ୍ଛା ବାକି ରହେ ତେବେ ତା' ପାଇଁ ପରଜନ୍ମ ଆଜ୍ ଫାର୍ ଆଜ୍ ପସିବଲ୍ ତ ଦେବଗତି ର ହିଁ ରହେ । ନହେଲେ କେବେ କାହାକୁ ବହୁତ ସଜ୍ଜନ ବ୍ୟକ୍ତିର, ଯୋଗଭ୍ରଷ୍ଟ ବ୍ୟକ୍ତିର ଅବତାର ଆସେ, କିନ୍ତୁ ତା'ର ଇଚ୍ଛା ପୂରା ହୁଏ । ଇଚ୍ଛାର ସବୁ ସରକମ୍‌ସ୍ଟେନ୍ସିୟଲ୍ ଏଭିଡେନ୍ସ ପୂରା ହୋଇଯାଏ । ମୋକ୍ଷରେ ଯିବା ପୂର୍ବରୁ ଯେଉଳି ଇଚ୍ଛା ଅଛି, ସେଉଳି ଏକ-ଦୁଇ ଅବତାରରେ ସବୁ ଜିନିଷ ମିଳିଯାଏ ଏବଂ ସବୁ ଇଚ୍ଛା ପୂରା ହେବା ପରେ ମୋକ୍ଷରେ ଚାଲିଯାଏ । ଯେବେ ସବୁ ଇଚ୍ଛା ପୂରା ହୋଇଯାଏ, ତେବେ ପୁଣି ମନୁଷ୍ୟରେ ଆସି ମୋକ୍ଷରେ ଚାଲିଯାଏ କିନ୍ତୁ ମନୁଷ୍ୟ ଜନ୍ମ ଏଠି ଏହି କ୍ଷେତ୍ରରେ ଆସିବ ନାହିଁ, ଅନ୍ୟ କ୍ଷେତ୍ରରେ ଆସିବ । ଏହି କ୍ଷେତ୍ରରେ କୌଣସି ତୀର୍ଥଙ୍କର ଭଗବାନ ନାହାନ୍ତି । ତୀର୍ଥଙ୍କର ଭଗବାନ, ପୂର୍ଣ୍ଣ କେବଳଜ୍ଞାନୀ ଥିବା ଉଚିତ ତେବେ ସେଠି ଜନ୍ମ ହେବ ଏବଂ ତାଙ୍କ ଦର୍ଶନରୁ ହିଁ ମୋକ୍ଷ ମିଳିବ । ମାତ୍ର ଦର୍ଶନରୁ ହିଁ । ଶୁଣିବାର କିଛି ବାକି ରହିଲା ନାହିଁ, ନିଜକୁ ସବୁ ବୁଝା ପଡ଼ିଗଲା, ଅନ୍ୟ ସବୁକିଛି ପ୍ରସ୍ତୁତ ଅଛି ତେବେ ମାତ୍ର ଦର୍ଶନ, ସମ୍ପୂର୍ଣ୍ଣ ବୀତରାଗଙ୍କ ଦର୍ଶନ ହୋଇଗଲା ଅର୍ଥାତ ମୋକ୍ଷ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ମନୁଷ୍ୟର ଇଚ୍ଛା ଦୁଇ ପ୍ରକାରର ହୋଇପାରେ, ଗୋଟିଏ ଆଧ୍ୟାତ୍ମିକ ଏବଂ ଅନ୍ୟଟି ଆଧିଭୌତିକ । ଆଧ୍ୟାତ୍ମିକ ପ୍ରାପ୍ତ ହେବା ପରେ ଯଦି ଆଧିଭୌତିକ ବାସନା କିଛି ରହିଯାଇଥିବ ତେବେ ତାହା ଏହି ଜନ୍ମରେ ଯଦି ପୂରା କରିଦେଉ ତେବେ ପର ଜନ୍ମର ପ୍ରଶ୍ନ ହିଁ ରୁହନ୍ତା ନାହିଁ ନା ?

**ଦାଦାଶ୍ରୀ :** ନା, ତାହା ଯଦି ପୂରା ହେଲା ତ ହେଲା, ନହେଲେ ପର ଜନ୍ମରେ ପୂରା ହୁଏ ।

**ପ୍ରଶ୍ନକର୍ତ୍ତା :** ଏହି ଜନ୍ମରେ ଯଦି ପୂରା କରିଦେବୁ ତେବେ କ'ଣ ଖରାପ ?

**ଦାଦାଶ୍ରୀ :** ତାହା ପୂରା ହୋଇପାରିବ ନାହିଁ, ଏପରି ଏଭିଡେନ୍ସ ମିଳିବ ନାହିଁ । ତାହା ପାଇଁ ଫୁଲ୍ ଏଭିଡେନ୍ସ ଦରକାର, ହଣ୍ଡ୍ରେଡ୍ ପରସେଣ୍ଟ୍ ଏଭିଡେନ୍ସ ଦରକାର ।

**ପ୍ରଶ୍ନକର୍ତ୍ତା :** ଏବେ ଆଧ୍ୟାତ୍ମିକ ତ କରୁଛୁ, କିନ୍ତୁ ତାହା ସାଥେ ସାଥେ ଯଦି ସଂସାରର ବାସନା ବି ସବୁ ପୂରା କରିଦେବୁ ତେବେ କ'ଣ ଖରାପ ?

**ଦାଦାଶ୍ରୀ :** କିନ୍ତୁ ତାହା ପୂରା ହୋଇପାରିବ ନାହିଁ ନା ! ତାହା ପୂରା ହୁଏ ନାହିଁ କାରଣ ଏଠି ଏପରି ସେ ସମୟ ବି ନାହିଁ, ହଣ୍ଡ୍ରେଡ୍ ପରସେଣ୍ଟ୍ ଏଭିଡେନ୍ସ ମିଳେ ହିଁ ନାହିଁ । ସେଥିପାଇଁ ଏଠାରେ ବାସନା ପୂରା ହୁଏ ନାହିଁ ଏବଂ ଏକ-ଦୁଇ ଅବତାର ତ ବାକି ରହିଯାଏ । ସେ ସବୁ ବାସନା, ଫୁଲ୍ଲୀ ସାଟିସ୍ଫେକ୍ସନ୍ ଦ୍ୱାରା ପୂରା ହୁଏ ଏବଂ ସେଥିରେ ପୁଣି ସେ ବାସନାରୁ ବିରକ୍ତ ହୋଇଯାଏ, ତେବେ ପୁଣି ସେ କେବଳ ଶୁଦ୍ଧାତ୍ମାରେ ହିଁ ରହେ । ବାସନା ତ ପୂରା ହେବା ଉଚିତ । ବାସନା ପୂରା ହେବା ବିନା ତ କୌଣସି ଏଣ୍ଟ୍ରାନ୍ସ ହିଁ ମିଳେ ନାହିଁ । ଏଠାରୁ ସିଧା ମୋକ୍ଷ ନାହିଁ । ଏକ-ଦୁଇ ଅବତାର ଅଛି । ବହୁତ ଭଲ ଅବତାର ଅଛି, ସେତେବେଳେ ସବୁ ବାସନା ପୂରା ହୋଇଯାଏ । ଏଠାରେ ସବୁ ବାସନା ପୂରା ହୋଇଯିବ ଏପରି ସମୟ ବି ନାହିଁ ଏବଂ କ୍ଷେତ୍ର ବି ନାହିଁ । ଏଠାରେ ପ୍ରକୃତ ପ୍ରେମବାଲା, ସମ୍ପୂର୍ଣ୍ଣ ପ୍ରେମବାଲା ବ୍ୟକ୍ତି ମିଳେ ନାହିଁ, ତେବେ ପୁଣି ନିଜ ବାସନା କିପରି ପୂରା ହୋଇଯିବ । ଏହାପାଇଁ ଏକ-ଦୁଇ ଅବତାର ବାକି ରହେ ଏବଂ ଶୁଦ୍ଧାତ୍ମାର ଲକ୍ଷ ହୋଇଗଲା, ପରେ ଏପରି ପୁଣ୍ୟବନ୍ଧନ ହୁଏ ଯେ ବାସନା ପୂରା ହୋଇଯାଏ, ଏପରି ୧୦୦% ର ପୁଣ୍ୟ ହୋଇଯାଏ ।

## କର୍ତ୍ତାପଦ ନା ଆଶ୍ରିତପଦ ?

କର୍ମ ତ କେବଳ ମନୁଷ୍ୟ ହିଁ କରେ, ଅନ୍ୟ କେହି କର୍ମ କରେ ହିଁ ନାହିଁ । ମନୁଷ୍ୟ ନିରାଶ୍ରିତ ଅଟେ ସେଥିପାଇଁ ସେ କର୍ମ କରେ । ଅନ୍ୟ ସମସ୍ତେ ଗାଈ, ମଇଁଷି, ବୃକ୍ଷ, ଦେବଲୋକ, ନର୍କବାଲା ସବୁ ଆଶ୍ରିତ ଅଟନ୍ତି । ସେମାନେ କୌଣସି କର୍ମ କରନ୍ତି ହିଁ ନାହିଁ । କାରଣ ସେମାନେ ଭଗବାନଙ୍କ ଆଶ୍ରିତ ଅଟନ୍ତି ଏବଂ ଏହି ମନୁଷ୍ୟ ନିରାଶ୍ରିତ

ଅଟେ । ଭଗବାନ ମନୁଷ୍ୟଙ୍କ ଦାୟିତ୍ୱ ନିଅନ୍ତି ହିଁ ନାହିଁ । ଅନ୍ୟ ସବୁ ଜୀବଙ୍କ ପାଇଁ ଭଗବାନ ଦାୟିତ୍ୱ ନେଇଛନ୍ତି ।

**ପ୍ରଶ୍ନକର୍ତ୍ତା :** ମନୁଷ୍ୟ ନିଜକୁ ଚିହ୍ନିଯିବା ପରେ ନିରାଶ୍ରିତ ନୁହେଁ ।

**ଦାଦାଶ୍ରୀ :** ପୁଣି ତ ଭଗବାନ ହିଁ ହୋଇଗଲା । ଯେବେଠୁ ନିଜର ପରିଚୟ ପାଇବା ପାଇଁ ପ୍ରସ୍ତୁତି କଲା ସେବେଠୁ ହିଁ ଭଗବାନ ହେବାର ପ୍ରାରମ୍ଭ ହୋଇଗଲା । ସେବେଠୁ ଅଂଶ ଭଗବାନ ହୁଏ । ଦୁଇ ଅଂଶ, ତିନି ଅଂଶ, ଏହିପରି ପୁଣି ସର୍ବାଂଶ ବି ହୋଇଯାଏ । ସେ ପୁଣି ନିରାଶ୍ରିତ ନୁହେଁ । ସେ ନିଜେ ହିଁ ଭଗବାନ । କିନ୍ତୁ ସବୁ ମନୁଷ୍ୟ ନିରାଶ୍ରିତ ଅଟନ୍ତି । ସେମାନେ ଖାଇବା ପାଇଁ, ପଇସା ପାଇଁ, ମଉଜ କରିବା ପାଇଁ ଭଗବାନଙ୍କୁ ଭଜନ୍ତି । ସେମାନେ ସବୁ ନିରାଶ୍ରିତ ଅଟନ୍ତି ।

ମନୁଷ୍ୟ ନିରାଶ୍ରିତ କିପରି ଅଟେ, ତାହା ଗୋଟିଏ କଥା କହିବି ? ଏକ ଗାଁ'ର ଜଣେ ବଡ଼ ସେଠ୍, ଜଣେ ସାଧୁ ମହାରାଜ ଏବଂ ସେଠ୍‌ର କୁକୁର ତିନିହେଁ ବାହାର ଏକ ଗାଁ'କୁ ଯାଉଥିଲେ । ରାସ୍ତାରେ ଚାରିଜଣ ଡକାୟତ ମିଳିଲେ । ତେବେ ସେଠ୍‌କୁ ମନରେ ଭୟ ହୋଇଗଲା ଯେ 'ମୋ ପାଖରେ ଦଶ ହଜାର ଟଙ୍କା ଅଛି, ତାହା ଏମାନେ ନେଇଯିବେ ଏବଂ ଆମକୁ ମାରିବେ-ପିଟିବେ, ତେବେ ମୋର କ'ଣ ହେବ ?' ସେଠ୍ ତ ନିରାଶ୍ରିତ ହୋଇଗଲା । ସାଧୁ ମହାରାଜଙ୍କ ପାଖରେ କିଛି ନଥିଲା, ଖାଇବାର ପାତ୍ର ହିଁ କେବଳ ଥିଲା । କିନ୍ତୁ ତାଙ୍କୁ ବିଚାର ଆସିଗଲା ଯେ ଖାଇବା ପାତ୍ର ଚାଲିଯିବ ତେବେ କିଛି ଅସୁବିଧା ନାହିଁ, କିନ୍ତୁ ମୋତେ ଯଦି ମାରିବେ ତେବେ ମୋ ଗୋଡ଼ ଭାଙ୍ଗିଯିବ, ପୁଣି ମୁଁ କ'ଣ କରିବି ? ମୋର କ'ଣ ହେବ ? ଆଉ ଯେଉଁ କୁକୁର ଥିଲା ସେ ତ ଭୁକିବାକୁ ଲାଗିଲା । ସେ ଡକାୟତ ଥରେ ବାଡ଼ିରେ ମାରିଦେଲା ତେବେ ଚିଲ୍ଲେଇ-ଚିଲ୍ଲେଇ ପଳାଇଲା, ପୁଣି ଥରେ ଆସିଗଲା ଏବଂ ଭୁକିବାକୁ ଲାଗିଲା । ତା'କୁ ମନରେ ବିଚାର ଆସେ ନାହିଁ ଯେ 'ମୋର କ'ଣ ହେବ ?' କାରଣ ସେ ଆଶ୍ରିତ ଅଟେ । ସେ ଦୁହେଁ, ସେଠ୍ ଏବଂ ସାଧୁ ମହାରାଜଙ୍କ ମନରେ ଏପରି ହୁଏ ଯେ 'ମୋର କ'ଣ ହେବ ?' କେବଳ ମନୁଷ୍ୟ ହିଁ କର୍ତ୍ତା ଅଟେ ଏବଂ ସେ ହିଁ କର୍ମ ବାନ୍ଧେ । ଅନ୍ୟ କୌଣସି ଜୀବ କର୍ତ୍ତା ନୁହନ୍ତି । ସେମାନେ ସବୁ ତ କର୍ମରୁ ମୁକୁଳୁଥାନ୍ତି । ଆଉ ମନୁଷ୍ୟ ତ କର୍ମ ବାନ୍ଧେ ମଧ୍ୟ ଏବଂ କର୍ମରୁ ମୁକୁଳେ ମଧ୍ୟ । ଚାର୍ଜ ଏବଂ ଡିସ୍‌ଚାର୍ଜ ଉଭୟ ହୁଏ । ଡିସ୍‌ଚାର୍ଜରେ କୌଣସି ଓରିଜ୍(ଚିନ୍ତା) କରିବାର ଆବଶ୍ୟକତା ନାହିଁ । ଚାର୍ଜରେ ଓରିଜ୍ କରିବାର ଆବଶ୍ୟକତା ଅଛି ।

ଏ ଫରେନ୍‌ବାଲା ସବୁ ସହଜ ଅଟନ୍ତି, ସେମାନେ ନିରାଶ୍ରିତ ନୁହଁନ୍ତି । ସେମାନେ ଆଶ୍ରିତ ଅଟନ୍ତି । ସେମାନେ 'ମୁଁ କର୍ତ୍ତା ଅଟେ' ଏପରି କୁହନ୍ତି ନାହିଁ ଆଉ ହିନ୍ଦୁସ୍ତାନର ଲୋକେ ତ 'କର୍ତ୍ତା' ହୋଇଯାଇଛନ୍ତି ।

## ନିଷ୍କାମ କର୍ମ ଦ୍ୱାରା କର୍ମବନ୍ଧନ ?

ଗୀତାରେ ଶ୍ରୀକୃଷ୍ଣ ଭଗବାନ ସବୁ ରାସ୍ତା ବତାଇଛନ୍ତି । ଧର୍ମର ହିଁ ସବୁକିଛି ଲେଖିଛନ୍ତି । କିନ୍ତୁ ମୋକ୍ଷରେ ଯିବା ପାଇଁ କେବଳ ଗୋଟିଏ ବାକ୍ୟ ଲେଖିଛନ୍ତି, ବେଶୀ ଲେଖି ନାହାନ୍ତି । ଧର୍ମ କ'ଣ କରିବ ? ନିଷ୍କାମ କର୍ମ କରିବ, ତାହାକୁ ଧର୍ମ କୁହାଯାଏ । କିନ୍ତୁ କର୍ତ୍ତା ଅଟେ ନା ? ନିଷ୍କାମ ଅଟେ, କିନ୍ତୁ କର୍ତ୍ତା ତ ଅଟେ ନା ?

**ପ୍ରଶ୍ନକର୍ତ୍ତା :** ତେବେ କ'ଣ କର୍ମ ହିଁ ପ୍ରଧାନ ଅଟେ ?

**ଦାଦାଶ୍ରୀ :** କିନ୍ତୁ ପ୍ରଥମେ ସକାମ କର୍ମ କରେ, ଏବେ ନିଷ୍କାମ କର୍ମ କରେ ଏବଂ ଏହାର ଫାଇଦାରେ ଧର୍ମ ମିଳିବ, ମୁକ୍ତି ମିଳିବ ନାହିଁ । ସକାମ କର୍ମ କର ଅବା ନିଷ୍କାମ କର୍ମ କର, କିନ୍ତୁ ମୁକ୍ତି ହେବ ନାହିଁ । କର୍ମ କଲେ ମୁକ୍ତି ହୁଏ ନାହିଁ । ମୁକ୍ତି ତ ଯେଉଁଠି ଭଗବାନ ପ୍ରକଟ ହୋଇଯାଇଛନ୍ତି, ସେଠି ଯଦି କୃପା ହୋଇଯାଏ ତେବେ ମୁକ୍ତି ହୁଏ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ବିନା କାମ କରି ଭଗବାନଙ୍କ କୃପା ହୋଇଯାଏ ?

**ଦାଦାଶ୍ରୀ :** ଯଦି କାମ କରେ ତେବେ ମଧ୍ୟ ଭଗବାନଙ୍କ କୃପା ହୁଏ ନାହିଁ ଏବଂ କାମ ନ କରେ ତେବେ ମଧ୍ୟ ଭଗବାନଙ୍କ କୃପା ହୁଏ ନାହିଁ । କୃପା ତ ଯିଏ ଭଗବାନଙ୍କୁ ଭେଟିଲା, ତା' ଉପରେ ଭଗବାନଙ୍କ କୃପା ବରଷି ହିଁ ଯାଏ । କାମ କରୁଛ, ତାହା ନିଜ ଫାଇଦା ପାଇଁ କରିବ । ନିଷ୍କାମ କର୍ମ କାହିଁକି କରିବା ? ନା ଏହାଦ୍ୱାରା ନିଜକୁ କୌଣସି ଅସୁବିଧା ନ ହେଉ, ଆଗକୁ-ଆଗକୁ ଧର୍ମ କରିବାକୁ ମିଳୁ, ଖାଇବା-ପିଇବା ମିଳୁ, ସବୁକିଛି ମିଳୁ ଏବଂ ଭଗବାନଙ୍କ ଭକ୍ତି କରିବାରେ କୌଣସି ଅସୁବିଧା ନ ହେଉ । ନିଷ୍କାମ କର୍ମରେ ଏହା ଫାଇଦା କିନ୍ତୁ ଏସବୁ କର୍ମ ହିଁ ଅଟେ ଏବଂ ଯେପର୍ଯ୍ୟନ୍ତ କର୍ମ ଅଛି, ସେପର୍ଯ୍ୟନ୍ତ ବନ୍ଧନ ଅଛି ।

କୃଷ୍ଣ ଭଗବାନ କହିଛନ୍ତି ଯେ ସ୍ଥିତପ୍ରଜ୍ଞ ହୋଇଗଲା, ତେବେ ମୁକ୍ତ ହେବାକୁ ଲାଗେ ଏବଂ ଏହା ମଧ୍ୟ କହିଛନ୍ତି ଯେ ବୀତରାଗ ଏବଂ ନିର୍ଭୟ ହୋଇଗଲା, ତେବେ କାମ ହୋଇଗଲା ।

ନିଷ୍କାମ କର୍ମ କର କିନ୍ତୁ କର୍ମର କର୍ତ୍ତା ତ ତୁମେ ହିଁ ଅଟ ନା ? ଯେପର୍ଯ୍ୟନ୍ତ କର୍ତ୍ତା ଅଟ, ସେପର୍ଯ୍ୟନ୍ତ ମୁକ୍ତି ହୁଏ ନାହିଁ । ମୁକ୍ତି ତ 'ମୁଁ କର୍ତ୍ତା ଅଟେ' ତାହା ହିଁ ଚାଲିଯିବା ଉଚିତ ଏବଂ କର୍ତ୍ତା କିଏ, ତାହା ଜଣା ପଡ଼ିବା ଉଚିତ । ମୁଁ ସବୁ ବତାଇ ଦିଏ ଯେ 'କରିବାବାଲା କିଏ, ତୁମେ କିଏ, ଏ ସମସ୍ତେ କିଏ ।' ସବୁ ଲୋକ ମାନନ୍ତି ଯେ 'ମୁଁ ନିଷ୍କାମ କର୍ମ କରୁଛି ଏବଂ ମୋତେ ଭଗବାନ ମିଳିଯିବେ ।' ଆରେ, ତୁମେ କର୍ତ୍ତା ଅଟ, ସେପର୍ଯ୍ୟନ୍ତ ଭଗବାନ କିପରି ମିଳିବେ ? ଯଦି ଅକର୍ତ୍ତା ହୋଇଯିବ, ତେବେ ଭଗବାନ ମିଳିଯିବେ ।

**ପ୍ରଶ୍ନକର୍ତ୍ତା :** କୃଷ୍ଣ ଭଗବାନ ବି ଯୁଦ୍ଧ କରିଥିଲେ, କୃଷ୍ଣ ବି ତ ଅର୍ଜୁନର ସାରଥୀ ହୋଇଥିଲେ ।

**ଦାଦାଶ୍ରୀ :** ହଁ, ଅର୍ଜୁନର ସାରଥୀ ହୋଇଥିଲେ କିନ୍ତୁ କାହିଁକି ସାରଥୀ ହୋଇଥିଲେ ? ଭଗବାନ, ଅର୍ଜୁନକୁ ବୁଝାଉଥିଲେ ଯେ, 'ଦେଖ ଭାଇ, ତୁମେ ତ ପାଞ୍ଚ ଘୋଡ଼ାର ଲଗାମ ଧରୁଛ, କିନ୍ତୁ ରଥ ଚଲାଇବା ତୁମକୁ ଜଣା ନାହିଁ ଏବଂ ଲଗାମକୁ ଟାଣି ଚାଲିଛ । କେବେ ଟାଣନ୍ତି ? ଯେବେ ଉଠାଣି ଆସେ ସେତେବେଳେ ଟାଣନ୍ତି ଏବଂ ଗଡ଼ାଣିରେ ଢିଲା ଛାଡ଼ି ଦିଅନ୍ତି । ଲଗାମ ବାରମ୍ବାର ଟାଣିବା ଦ୍ୱାରା ଘୋଡ଼ାଙ୍କ ମୁହଁରୁ ରକ୍ତ ବାହାରେ । ଏଣୁ ତୁମେ ରଥରେ ବସିଯାଅ, ମୁଁ ତୁମର ରଥ ଚଲାଇବି ।'

ଆଉ ତୁମର କିଏ ଚଲାଉଛନ୍ତି ? ତୁମେ ନିଜେ ଚଲାଉଛ ?

**ପ୍ରଶ୍ନକର୍ତ୍ତା :** ମୁଁ କ'ଣ ଚଲାଇବି ? ଚଲାଇବାବାଲା ଜଣେ ହିଁ ଅଟେ ।

**ଦାଦାଶ୍ରୀ :** କିଏ ?

**ପ୍ରଶ୍ନକର୍ତ୍ତା :** ଯାହାଙ୍କୁ ଆମେ ପରମପିତା ପରମେଶ୍ୱର ବୋଲି ମାନୁ ।

**ଦାଦାଶ୍ରୀ :** ଶ୍ରୀଖଣ୍ଡ-ପୁରି ତୁମେ ଖାଉଛ ଆଉ ଚଲାଉଛନ୍ତି ସେ ? ! ! !

ଯେପର୍ଯ୍ୟନ୍ତ ବ୍ୟକ୍ତି କର୍ମଯୋଗରେ ଅଛି, ସେପର୍ଯ୍ୟନ୍ତ ଭଗବାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ ହେ ଭଗବାନ, ଆପଣଙ୍କ ଶକ୍ତିରେ ମୁଁ କରୁଛି । ନହେଲେ 'ମୁଁ କର୍ତ୍ତା ଅଟେ' ସେ କେଉଁ ପର୍ଯ୍ୟନ୍ତ କହେ ? ଯେବେ ଲାଭ ହୁଏ ତେବେ କହେ, 'ମୁଁ କଲି' କିନ୍ତୁ ଯେବେ କ୍ଷତି ହୁଏ, ତେବେ 'ଭଗବାନ କ୍ଷତି କରିଦେଲେ' କହିବ । 'ମୋ ପାର୍ଟନର ଏପରି କଲା', ନହେଲେ 'ମୋ ଗ୍ରହ ଏପରି ଅଟେ, ଭଗବାନ ରୁଷିଛନ୍ତି,'

ଏପରି ସବୁ ଦୋଷାରୋପଣ କରେ । ଭଗବାନଙ୍କ ପାଇଁ, ଏପରି କହିବା ଉଚିତ ନୁହେଁ । ସେ ସବୁ ଭଗବାନ କରୁଛନ୍ତି, ଏପରି ବୁଝି ନିମିତ୍ତ ରୂପରେ କାମ କରିବା ଉଚିତ ।

କର୍ମଯୋଗ କ'ଣ ? ଭଗବାନ କର୍ତ୍ତା ଅଟନ୍ତି, ମୁଁ ତାଙ୍କର ନିମିତ୍ତ । ସେ ଯେପରି ବତାଉଛନ୍ତି ସେହିପରି କରିବା । ତାହାର ଅହଙ୍କାର କରିବା ନାହିଁ । ଏହାର ନାମ କର୍ମଯୋଗ । କର୍ମଯୋଗରେ ତ, ସବୁ କାମରେ ଭିତରୁ ହିଁ ସୂଚନା ଆସେ, ସେହି ଅନୁସାରେ ତୁମକୁ କରିବାର ଅଛି । ବାହାରେ କୌଣସି ଡର ନରହିବା ଉଚିତ ଯେ ଲୋକେ କ'ଣ କହିବେ ଏବଂ କ'ଣ ନାହିଁ । ସବୁକିଛି ଭଗବାନଙ୍କ ନାମରେ ହିଁ କରିବାର ଅଛି । ଆମକୁ କିଛି କରିବାର ନାହିଁ । ଆମକୁ ତ ନିମିତ୍ତ ରୂପରେ କରିବାର ଅଛି । ଆମେ ତ ଭଗବାନଙ୍କ ହତିୟାର, ଏହିପରି କାମ କରିବା ଉଚିତ ।

## କର୍ମ, କର୍ମ ଚେତନା, କର୍ମଫଳ ଚେତନା !

**ପ୍ରଶ୍ନକର୍ତ୍ତା :** ଆମ କର୍ମ କିଏ ଲେଖେ ?

**ଦାଦାଶ୍ରୀ :** ଆମ କର୍ମକୁ ଲେଖିବାବାଲା କେହି ନାହିଁ । ଏ ବଡ଼ ବଡ଼ କମ୍ପ୍ୟୁଟର ଥାଏ, ତାହା ଯେପରି ରେଜଲ୍ଟ ଦିଏ, ସେହିପରି ତୁମକୁ କର୍ମର ଫଳ ମିଳେ ।

କର୍ମ ତ କିଭଳି ଅଟେ ? ମାଟିରେ ବୀଜ ବୁଣେ, ତାହାକୁ କର୍ମ କୁହାଯାଏ ଏବଂ ତାହାର ଯେଉଁ ଫଳ ଆସେ, ତାହା କର୍ମଫଳ ଅଟେ । କର୍ମଫଳ ଦେବାର ସବୁ କାମ କମ୍ପ୍ୟୁଟର ପରି ମେସିନାରୀ କରେ । କମ୍ପ୍ୟୁଟରରେ ଯାହା କିଛି ବି ଦିଆଯାଏ, ତାହାର ଜବାବ ମିଳିଯାଏ, ତାହା କର୍ମଫଳ ଅଟେ । ଏଥିରେ ଭଗବାନ କିଛି କରନ୍ତି ନାହିଁ ।

**ପ୍ରଶ୍ନକର୍ତ୍ତା :** ପୂର୍ବଜନ୍ମର କର୍ମରୁ ଏପରି ସବୁ ହୁଏ ?

**ଦାଦାଶ୍ରୀ :** ହଁ, ଆଉ କ'ଣ ? ପୂର୍ବଜନ୍ମର ଯେଉଁ କର୍ମ ଥାଏ, ଏହି ଜନ୍ମରେ ତାହାର ଫଳ ମିଳେ । ତୁମକୁ ଦରକାର ନଥିବ ତଥାପି ଫଳ ମିଳେ । ତାହାର ଫଳ ଦୁଇ ପ୍ରକାରର ଥାଏ । ଗୋଟିଏ ପିତା ଥାଏ ଆଉ ଏକ ମିଠା ଥାଏ । କିଛି ଦିନ ଯଦି ପିତା ଫଳ ମିଳେ ତେବେ ତୁମକୁ ପସନ୍ଦ ଆସେ ନାହିଁ ଆଉ ମିଠା ଫଳ ତୁମକୁ ପସନ୍ଦ ଆସିଯାଏ । ଏହା ଦ୍ୱାରା ଅଲଗା ନୂଆ କର୍ମ ବାନ୍ଧେ, ନୂଆ ବୀଜ ବୁଣେ ଏବଂ ପୂର୍ବର ଫଳ ଖାଏ ।

**ପ୍ରଶ୍ନକର୍ତ୍ତା :** ଏହି ଜନ୍ମରେ ଆମେ ଯେଉଁ କର୍ମ କରୁଛୁ, ତାହା ଆସନ୍ତା ଜନ୍ମରେ ପୁଣି ଆସିବ ?

**ଦାଦାଶ୍ରୀ :** ଏବେ ଯେଉଁ ଫଳ ଖାଏ, ତାହା ପୂର୍ବ ଜନ୍ମର ଅଟେ ଏବଂ ଯେଉଁ ବୀଜ ବୁଣୁଛେ, ତାହାର ଫଳ ଆସନ୍ତା ଜନ୍ମରେ ମିଳିଯିବ । ଯେବେ କାହା ସହିତ କ୍ରୋଧ ହୋଇଯାଏ, ସେତେବେଳେ ତାହାର ଖରାପ ବୀଜ ପଡ଼େ । ଏହାର ଯେବେ ଫଳ ଆସେ, ସେତେବେଳେ ନିଜକୁ ବହୁତ ଦୁଃଖ ହୁଏ ।

**ପ୍ରଶ୍ନକର୍ତ୍ତା :** ପୂର୍ବଜନ୍ମ ଅଛି ନା ନାହିଁ, ତାହା କିପରି ଜଣା ପଡ଼େ ?

**ଦାଦାଶ୍ରୀ :** ତୁମେ ସ୍କୁଲରେ ପଢ଼, ସେଥିରେ ସବୁ ପିଲା ପ୍ରଥମ ହୁଅନ୍ତି ନା କେହି ଜଣେ ପ୍ରଥମ ହୁଏ ?

**ପ୍ରଶ୍ନକର୍ତ୍ତା :** ଜଣେ ହିଁ ହୁଏ ।

**ଦାଦାଶ୍ରୀ :** କେହି ଦ୍ୱିତୀୟ ବି ହୁଅନ୍ତି ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ଏହି ଚେଞ୍ଜ କାହିଁକି ? ସମସ୍ତଙ୍କର ସମାନ କାହିଁକି ଆସେ ନାହିଁ ?

**ପ୍ରଶ୍ନକର୍ତ୍ତା :** ଯିଏ ଯେତେ ପଢ଼େ, ସେତିକି ହିଁ ତା'କୁ ମାର୍କ୍ସ ମିଳେ ।

**ଦାଦାଶ୍ରୀ :** ନା, କିଛି ତ ବେଶୀ ପଢ଼ନ୍ତି ହିଁ ନାହିଁ ତଥାପି ଫାର୍ଷ୍ଟ ହୁଅନ୍ତି ଏବଂ କିଛି ବହୁତ ପଢ଼ନ୍ତି ତଥାପି ଫେଲ୍ ହୁଅନ୍ତି ।

**ପ୍ରଶ୍ନକର୍ତ୍ତା :** ସେମାନଙ୍କର ମସ୍ତିଷ୍କ ଭଲ ହୋଇଥିବ ।

**ଦାଦାଶ୍ରୀ :** ଏମାନଙ୍କର ମସ୍ତିଷ୍କ ଅଲଗା ଅଲଗା କାହିଁକି ? ତାହା ପୂର୍ବଜନ୍ମର କର୍ମର ଫଳ ଅନୁସାରେ ସମସ୍ତଙ୍କର ମସ୍ତିଷ୍କ ହୋଇଥାଏ ।

**ପ୍ରଶ୍ନକର୍ତ୍ତା :** ଯାହା ପୂର୍ବର ଅଟେ, ତାହାର ଏହି ଜନ୍ମରେ କହିଲେ କ'ଣ ଫାଇଦା ? କରିବା-ଭରିବା ତ ଏହି ଜନ୍ମରେ ହିଁ ହେବା ଉଚିତ । ଯାହାଦ୍ୱାରା ଆମକୁ ଜଣା ପଡ଼ିବ ଯେ ଆମେ ଏହି ପାପ କଲୁ ତେବେ ତାହାର ଏହି ଫଳ ଭୋଗୁଅଛୁ ।

**ଦାଦାଶ୍ରୀ :** ହଁ, ହଁ, ତାହା ବି ଅଛି । କିନ୍ତୁ ଏହା କିପରି ଅଟେ ଯେ ଯେଉଁ କଜେଜ୍(causes) କରିଛେ, ତାହାର ଫଳ କ'ଣ ମିଳେ ? ଏ ଛୋଟ ପିଲା ଥାଏ,

ସେ କାହାକୁ ପଥର ମାରେ, ତାହା ତା'ର ଉତ୍ତରଦାୟିତ୍ୱ ଅଟେ । କିନ୍ତୁ ତା'କୁ ଜଣା ନାହିଁ ଯେ ଏହାର ଉତ୍ତରଦାୟିତ୍ୱ କ'ଣ । ସେ ପଥର ମାରେ, ତାହା ପୂର୍ବ କର୍ମରୁ ଏପରି କରେ । ପୁଣି ଯାହାକୁ ପଥର ବାଜିଗଲା, ସେ ବ୍ୟକ୍ତି ଏହି ପିଲାକୁ ମାରିବ ତେବେ ଏ ଯେଉଁ ପଥର ମାରିଥିଲା, ତାହାର ଫଳ ମିଳେ ।

କେହି ବ୍ୟକ୍ତି କାହା ଉପରେ ରାଗିଗଲା, ପୁଣି ସେ ବ୍ୟକ୍ତି କହେ ଯେ, 'ଭାଇ, ମୋତେ ରାଗିବାର ବିଚାର ନଥିଲା, କିନ୍ତୁ ରାଗ ଏମିତି ହିଁ ହୋଇଗଲା ।' ତେବେ ପୁଣି ଏହି କ୍ରୋଧ (ରାଗ) କିଏ କଲା ? ତାହା ପୂର୍ବ କର୍ମର ପରିଣାମ ଅଟେ । ସେ କ୍ରୋଧ କରେ, ତାହା ପୂର୍ବ କଜେଜ୍ ର ଇଫେକ୍ଟ ଅଟେ । ଏ ଭ୍ରାନ୍ତିବାଲା ଲୋକେ କ'ଣ କହନ୍ତି ? ଏ କ୍ରୋଧ କଲା, ତାହାକୁ କର୍ମ କହନ୍ତି ଏବଂ ମାଡ଼ ଖାଇଲା, ତାହା ତା'ର କର୍ମର ଫଳ, ଏପରି କହନ୍ତି । ପୁଣି ଲୋକେ କ'ଣ କହନ୍ତି ଯେ 'କ୍ରୋଧ କର ନାହିଁ ।' ଆରେ, କିନ୍ତୁ କ୍ରୋଧ କରିବା ଆମ ହାତରେ ନାହିଁ ନା ? ତାହା ତୁମକୁ କରିବାର ବିଚାର ନାହିଁ, ତଥାପି ହୋଇଯାଏ, ତାହାର କ'ଣ ଉପାୟ ? ଏହା ତ ପୂର୍ବଜନ୍ମର କର୍ମର ଫଳ ଅଟେ ।

କିଏ ଚଲାଉଛି, ତାହା ବୁଝା ପଡ଼ିଗଲା ନା ? ପାସ୍ ହେବ କି ନାହିଁ ତାହା ତୁମ ହାତରେ ନାହିଁ । ତେବେ ତାହା 'ଚନ୍ଦୁଭାଇଙ୍କ ହାତରେ ଅଛି ?' ହଁ, ଅଳ୍ପ 'ଚନ୍ଦୁଭାଇ'ଙ୍କ ହାତରେ ଅଛି, ଓନ୍‌ଲୀ ୨% ଏବଂ ୯୮% ଅନ୍ୟ ହାତରେ ଅଛି । ତୁମ ଉପରେ ଅନ୍ୟର ସତ୍ତା ଅଛି, ଏପରି ଲାଗୁନାହିଁ ? ଏପରି ଏକ୍ସପେରିଏନ୍ସ ହୋଇନାହିଁ ? ତୁମର ବିଚାର ଥିବ ଯେ ଆଜି ଶୀଘ୍ର ଶୋଇବାର ଅଛି, ପୁଣି ନିଦ ଆସେ ନାହିଁ, ଏପରି ହୁଏ ନାହିଁ ?

**ପ୍ରଶ୍ନକର୍ତ୍ତା :** ହୁଏ ।

**ଦାଦାଶ୍ରୀ :** ତୁମର ତ ଇଚ୍ଛା ଅଛି, କିନ୍ତୁ ତୁମକୁ ଅନ୍ତରାୟ(ପ୍ରତିବନ୍ଧକ) କିଏ କରେ ? କିଛି ଅଲଗା ଶକ୍ତି ଅଛି, ଏପରି ଲାଗୁଛି ନା ? ତୁମର ରାଗିବାର ଇଚ୍ଛା ନଥିବ ତଥାପି କେବେ ରାଗ ଆସିଯାଏ ନା ନାହିଁ ?

**ପ୍ରଶ୍ନକର୍ତ୍ତା :** ତଥାପି ଆସିଯାଏ ।

**ଦାଦାଶ୍ରୀ :** ସେ ରାଗର କ୍ରିଏଟର୍ କିଏ ?

**ପ୍ରଶ୍ନକର୍ତ୍ତା :** ତାହାକୁ ମୁଁ ଆତ୍ମା କହେ ।

**ଦାଦାଶ୍ରୀ :** ନା, ଆତ୍ମା ଏପରି କରେ ନାହିଁ । ଆତ୍ମା ତ ଭଗବାନ ଅଟେ । ସେହି କ୍ରୋଧ ତ ତୁମର ୱ୍ୱିକ୍‌ନେସ୍ ଅଟେ । କର୍ମ ଦେଖିଛ ତୁମେ ? ଏହି ବ୍ୟକ୍ତି କର୍ମ କରୁଅଛି, ଏପରି ଦେଖିଛ ? କେହି ବ୍ୟକ୍ତି କର୍ମ କରୁଛି, ତାହା ତୁମେ ଦେଖିଛ ?

**ପ୍ରଶ୍ନକର୍ତ୍ତା :** ତା'ର ଆକ୍ସନ୍‌ରୁ ଆମକୁ ଜଣା ପଡ଼େ ।

**ଦାଦାଶ୍ରୀ :** କେହି ବ୍ୟକ୍ତି କାହାକୁ ମାରେ ତେବେ ତୁମେ କ'ଣ ଦେଖ ?

**ପ୍ରଶ୍ନକର୍ତ୍ତା :** ସେ ପାପ କରୁଛି, ସେ କର୍ମ କରୁଛି ।

**ଦାଦାଶ୍ରୀ :** ଏହି ୱର୍ଲଡ୍(ଜଗତ)ରେ କୌଣସି ମନୁଷ୍ୟ କର୍ମ ଦେଖିପାରିବ ନାହିଁ । କର୍ମ ସୂକ୍ଷ୍ମ ଅଟେ । ସେ ଯାହା ଦେଖେ ତାହା କର୍ମଚେତନା ଦେଖେ । କର୍ମଚେତନା ନିଶ୍ଚେତନ ଚେତନ ଅଟେ, ତାହା ବାସ୍ତବ ଚେତନ ନୁହେଁ । କର୍ମଚେତନା ତୁମକୁ ବୁଝାପଡ଼ିଲା ?

**ପ୍ରଶ୍ନକର୍ତ୍ତା :** କର୍ମର ଡେଫିନେଶନ୍ କୁହନ୍ତୁ ।

**ଦାଦାଶ୍ରୀ :** ଯେଉଁ ଆରୋପିତ ଭାବ ଥାଏ, ତାହା ହିଁ କର୍ମ ଅଟେ ।

ତୁମ ନାଁ କ'ଣ ?

**ପ୍ରଶ୍ନକର୍ତ୍ତା :** ଚନ୍ଦୁଭାଇ ।

**ଦାଦାଶ୍ରୀ :** ତୁମେ, 'ମୁଁ ଚନ୍ଦୁଭାଇ ଅଟେ' ଏପରି ମାନୁଛ, ଏହାଦ୍ୱାରା ଦିନସାରା ତୁମେ କର୍ମ ହିଁ ବାନ୍ଧୁଛ । ରାତିରେ ବି କର୍ମ ବାନ୍ଧୁଛ । କାରଣ ତୁମେ ଯାହା ଅଟ, ତାହା ତୁମେ ଜାଣି ନାହଁ ଏବଂ ଯାହା ନୁହଁ ତାହା ହିଁ ମାନୁଛ । ଚନ୍ଦୁଭାଇ ତ କେବଳ ତୁମର ନାମ ଅଟେ ଏବଂ ମାନୁଛ ଯେ, 'ମୁଁ ଚନ୍ଦୁଭାଇ ଅଟେ' । ଏହା ରଙ୍ଗ୍ ବିଲିଫ୍ ଅଟେ, ଏ ସ୍ତ୍ରୀ ର ହଜବ୍ୟାଣ୍ଡ୍ ଅଟେ, ଏହା ଦ୍ୱିତୀୟ ରଙ୍ଗ୍ ବିଲିଫ୍ । ଏ ପିଲାର ଫାଦର୍ ଅଟେ, ଏହା ତୃତୀୟ ରଙ୍ଗ୍ ବିଲିଫ୍ । ଏହିପରି କେତେ ସାରା ରଙ୍ଗ୍ ବିଲିଫ୍ ଅଛି ? କିନ୍ତୁ ଯେବେ ତୁମେ ଆତ୍ମା ହୋଇଗଲ, ଏହାର ରିୟଲାଇଜ୍ ହୋଇଗଲା, ପରେ ତୁମକୁ କର୍ମବନ୍ଧନ ହୁଏ ନାହିଁ । 'ମୁଁ ଚନ୍ଦୁଭାଇ ଅଟେ' ଏହି ଆରୋପିତ ଭାବରୁ କର୍ମବନ୍ଧନ ହୁଏ । ଏହିପରି ଯେଉଁ କର୍ମ କଲ, ତାହାର ଫଳ ଆଗାମୀ ଜନ୍ମରେ ଆସେ, ତାହା କର୍ମଚେତନା ଅଟେ । କର୍ମଚେତନା ଆମ ହାତରେ ନାହିଁ, ପରସତ୍ତାରେ ଅଛି । ପୁଣି ଏଠି କର୍ମଚେତନାର ଫଳ ଆସେ, ତାହା କର୍ମଫଳ ଚେତନା ଅଟେ । ତୁମେ

ସେୟାର୍ ବଜାରକୁ ଯାଅ ତାହା କର୍ମଚେତନାର ଫଳ । ବ୍ୟାପାରରେ କ୍ଷତି ହୁଏ, ଲାଭ ହୁଏ, ତାହା ମଧ୍ଯ କର୍ମଚେତନାର ଫଳ । ତାହାକୁ କୁହେ, ‘ମୁଁ କଲି, ମୁଁ ରୋଜଗାର କଲି’ ତେବେ ପୁଣି ଭିତରେ ନୂଆ କର୍ମ ଚାର୍ଜ ହୁଏ । ‘ମୁଁ ଚନ୍ଦୁଭାଇ ଅଟେ’ ଏବଂ ‘ମୁଁ ଏହା କଲି’ ତାହା ଦ୍ୱାରା ହିଁ ନୂଆ କର୍ମ ହୁଏ ।

**ପ୍ରଶ୍ନକର୍ତ୍ତା :** କର୍ମରେ ବି ଭଲ-ଖରାପ ଅଛି ?

**ଦାଦାଶ୍ରୀ :** ଏବେ ଏଠାରେ ସତ୍‌ସଙ୍ଗରେ ତୁମକୁ ପୁଣ୍ୟ କର୍ମ ହେଉଛି । ତୁମକୁ ୨୪ ଘଣ୍ଟା କର୍ମ ହିଁ ହୁଏ ଆଉ ଆମର ଏ ‘ମହାତ୍ମା’, ସେ ଏକ ମିନିଟ ବି ନୂଆ କର୍ମ ବାନ୍ଧନ୍ତି ନାହିଁ ଆଉ ତୁମେ ତ ବହୁତ ପୁଣ୍ୟଶାଳୀ( ! ) ମଣିଷ ଅଟ ଯେ ନିଦରେ ବି କର୍ମ ବାନ୍ଧୁଛ ।

**ପ୍ରଶ୍ନକର୍ତ୍ତା :** ଏପରି କାହିଁକି ହୁଏ ?

**ଦାଦାଶ୍ରୀ :** ସେଲ୍ଫ(ନିଜ)ର ରିୟଲାଇଜ୍(ସାକ୍ଷାତ୍କାର) କରିବା ଉଚିତ । ସେଲ୍ଫର ରିୟଲାଇଜ୍ ହୋଇଗଲା, ପରେ କର୍ମ ହୁଏ ନାହିଁ ।

ନିଜକୁ ଚିହ୍ନିବାର ଅଛି । ନିଜକୁ ଚିହ୍ନିଗଲ, ତେବେ ସବୁ କାମ ପୂରା ହୋଇଗଲା । ଚବିଶ ତୀର୍ଥଙ୍କର ନିଜକୁ ଚିହ୍ନି ଯାଇଥିଲେ । ଏହା ନିଜେ ନୁହେଁ, ଯିଏ ଦେଖୁଛି, ଯିଏ ଶୁଣୁଛି, ସେସବୁ ନିଜେ ନୁହେଁ । ସେସବୁ ପରସତ୍ତା ଅଟେ । ତୁମକୁ ପରସତ୍ତା ଲାଗୁଛି ? ଚିନ୍ତା, *ଉପାଧି* କିଛି ଲାଗୁନାହିଁ ? ସେସବୁ ପରସତ୍ତା ଅଟେ, ଆମ ନିଜର ସ୍ୱସତ୍ତା ନୁହେଁ । ସ୍ୱସତ୍ତାରେ ନିରୂପାଧି ଥାଏ । ନିରନ୍ତର ପରମାନନ୍ଦ ! ! ତାହା ହିଁ ମୋକ୍ଷ ! ! ! ନିଜ ଆତ୍ମାର ଅନୁଭବ ହେଲା, ତେବେ ତାହା ହିଁ ମୋକ୍ଷ । ମୋକ୍ଷ ଅନ୍ୟ କିଛି ନୁହେଁ ।

ଏ ସବୁ *ପୁଦ୍‌ଗଲ୍* ର ଖେଳ ଅଟେ । ନରମ-ଗରମ, *ଶାତା-ଅଶାତା* (ସୁଖ-ଦୁଃଖ ପରିଣାମ), ଯାହା କିଛି ହୁଏ, ତାହା *ପୁଦ୍‌ଗଲ୍* କୁ ହୁଏ । ଆତ୍ମାକୁ କିଛି ହୁଏ ନାହିଁ । ଆତ୍ମା ଏସବୁରୁ ନିର୍ଲେପ ରହେ । ଯିଏ ଅବିନାଶୀ ଅଟେ, ତାହା ସ୍ୱୟଂ ନିଜର ଆତ୍ମା ଅଟେ । ସେହି ବିନାଶୀ ତତ୍ତ୍ୱକୁ ଛାଡ଼ି ଦେବାର ଅଛି । ବିନାଶୀ ତତ୍ତ୍ୱର ମାଲିକ ହେବାର ନାହିଁ, ତାହାର ଅହଙ୍କାର ନ ହେବା ଉଚିତ । ଏ ‘ଚନ୍ଦୁଭାଇ’ ଯାହା କିଛି କରେ, ତାହା ତୁମକୁ ଖାଲି ଦେଖିବାର ଅଛି ଯେ, ‘ସେ କ’ଣ କରୁଛି ।’ ବାସ୍, ଏହା ହିଁ ଆମର ଧର୍ମ, ‘ଜ୍ଞାତା-ଦ୍ରଷ୍ଟା’, ଏବଂ ‘ଚନ୍ଦୁଭାଇ’ ସବୁ କରିବାବାଲା ଅଟେ । ସେ ସାମୟିକ କରେ, ପ୍ରତିକ୍ରମଣ କରେ, ସ୍ୱାଧ୍ୟାୟ କରେ, ସବୁକିଛି କରେ, ତା’କୁ ତୁମେ

ଦେଖିବାବାଲା ଅଟ । ନିରନ୍ତର କେବଳ ଏହା ହିଁ ରହିବା ଉଚିତ, ବାସ୍ । ଅନ୍ୟ କିଛି ନୁହେଁ । ତାହା 'ସାମୟିକ' ହିଁ ଅଟେ । ନିଜ ଆତ୍ମା ଶୁଦ୍ଧ ଅଟେ । କେବେ ଅଶୁଦ୍ଧ ହୁଏ ହିଁ ନାହିଁ । ସଂସାରରେ ବି ଅଶୁଦ୍ଧ ହୋଇନାହିଁ ଆଉ ଏ ନାମ, ରୂପ ସବୁ ଭ୍ରାନ୍ତି ଅଟେ ।

'ଚନ୍ଦୁଭାଇ' କ'ଣ କରୁଛି । ତା' ଦେହ କିପରି ଅଛି, ସେ ସବୁ 'ତୁମକୁ' ଦେଖିବାର ଅଛି । ଯଦି *ଅଶାତା* ହୋଇଯାଏ ତେବେ ପୁଣି ଆମକୁ କହିବା ଉଚିତ ଯେ, 'ଚନ୍ଦୁଭାଇ, 'ମୁଁ' ତୁମ ସାଥିରେ ଅଛି, ଶାନ୍ତି ରଖ, ଶାନ୍ତି ରଖ', ଏପରି କହିବ । ଅନ୍ୟ କୌଣସି କାମ କରିବାର ହିଁ ନାହିଁ ।

ତୁମେ 'ନିଜେ' ହିଁ ଶୁଦ୍ଧାତ୍ମା ଅଟ ଆଉ ଏ 'ଚନ୍ଦୁଭାଇ' ସେ କର୍ମର ଫଳ ଅଟେ, କର୍ମଚେତନା ଅଟେ । ଏଥିରୁ ପୁଣି ଫଳ ମିଳେ, ତାହା କର୍ମଫଳ ଚେତନା ଅଟେ । ଶୁଦ୍ଧାତ୍ମା ହୋଇଗଲା ପରେ କିଛି କରିବାର ଆବଶ୍ୟକତା ନାହିଁ । ଶୁଦ୍ଧାତ୍ମା ତ ଅକ୍ରିୟ ଅଟେ । 'ମୁଁ କ୍ରିୟା କରେ, ଏହା ମୁଁ କଲି' ଏହା ଭ୍ରାନ୍ତି ଅଟେ । 'ତୁମେ' ତ ଜ୍ଞାତା-ଦ୍ରଷ୍ଟା, ପରମାନନ୍ଦୀ ଅଟ ଏବଂ ଚନ୍ଦୁଭାଇ 'ଜ୍ଞେୟ' ଅଟନ୍ତି ଏବଂ ଚଲାଇବାବାଲା 'ବ୍ୟବସ୍ଥିତ ଶକ୍ତି' ଚଲାଉଛି । ଭଗବାନ ଚଲାନ୍ତି ନାହିଁ, ତୁମେ ନିଜେ ମଧ୍ୟ ଚଲାଅ ନାହିଁ । ଆମକୁ ଚଲାଇବାର ଲଗାମ ଛାଡ଼ିଦେବାର ଅଛି ଏବଂ କିପରି ଚାଲୁଅଛି, 'ଚନ୍ଦୁଭାଇ' କ'ଣ କରୁଅଛି, ତାହା ହିଁ 'ଦେଖିବାର' ଅଛି । ଏ 'ଚନ୍ଦୁଭାଇ', ସେ ଆମ ଗତ ଅବତାର (ପୂର୍ବଜନ୍ମ) ର କର୍ମଫଳ ଅଟେ । ଆମକୁ ସେହି ଫଳ ଦେଖିବାର ଅଛି ଯେ କର୍ମ କ'ଣ ହୋଇଛି, କର୍ମ କେତେ ଅଛି ଏବଂ କର୍ମଫଳ କ'ଣ ହେଉଛି ? ସେହି 'କର୍ମଚେତନା' ମଧ୍ୟ ତୁମର ନୁହେଁ ଏବଂ କର୍ମଫଳ ଚେତନା ମଧ୍ୟ ତୁମର ନୁହେଁ । ତୁମେ ତ ଦେଖିବାବାଲା-ଜାଣିବାବାଲା ଅଟ ।

## ଜୀବନରେ ଐଚ୍ଛିକ କ'ଣ ?

**ପ୍ରଶ୍ନକର୍ତ୍ତା :** ଆପ୍ତବାଣୀରେ ଅନିବାର୍ଯ୍ୟ(କମ୍ପଲ୍ସରି) ଏବଂ ଐଚ୍ଛିକ(ଅପ୍ସନାଲ୍) କଥା ପଢ଼ିଲି । ଅନିବାର୍ଯ୍ୟ ତ ବୁଝାପଡ଼ିଲା କିନ୍ତୁ ଐଚ୍ଛିକ କ'ଣ, ତାହା ବୁଝାପଡ଼ିଲା ନାହିଁ ।

**ଦାଦାଶ୍ରୀ :** ଐଚ୍ଛିକ କିଛି ବି ନାହିଁ । ଐଚ୍ଛିକ ତ ଯେବେ 'ପୁରୁଷ' ହୁଏ, ତେବେ ଐଚ୍ଛିକ କୁହାଯିବ । ଯେପର୍ଯ୍ୟନ୍ତ ପୁରୁଷ ହୋଇନାହିଁ, ସେପର୍ଯ୍ୟନ୍ତ ଐଚ୍ଛିକ କିଛି ନାହିଁ । ତୁମେ ପୁରୁଷ ହୋଇଛ ?

**ପ୍ରଶ୍ନକର୍ତ୍ତା :** ଆପଣଙ୍କର ଏହି ପ୍ରଶ୍ନ ବୁଝି ହେଲା ନାହିଁ ।

**ଦାଦାଶ୍ରୀ :** ତୁମକୁ କିଏ ଚଲାଉଛି ? ତୁମ ପ୍ରକୃତି ତୁମକୁ ଚଲାଉଛି । ଏଣୁ ତୁମେ ପୁରୁଷ(ଆତ୍ମା) ହୋଇନାହଁ । ପ୍ରକୃତି ଏବଂ ପୁରୁଷ, ଦୁହେଁ ଯେବେ ଅଲଗା ହୋଇଯିବେ, ପୁଣି ଏହି ପ୍ରକୃତି ନିଜର ଅନିବାର୍ଯ୍ୟ ଅଟେ ଏବଂ ପୁରୁଷ ଐଚ୍ଛିକ ଅଟେ । ଯେବେ ତୁମେ ପୁରୁଷ ହୋଇଯିବ, ତେବେ ଐଚ୍ଛିକରେ ଆସିଯିବ, କିନ୍ତୁ ପ୍ରକୃତି ଭାଗ ଅନିବାର୍ଯ୍ୟ ରହିବ । ଭୋକ ଲାଗିବ, ଶୋଷ ଲାଗିବ, ଥଣ୍ଡା ବି ଲାଗିବ, କିନ୍ତୁ ତୁମେ ନିଜେ ଐଚ୍ଛିକ ରହିବ ।

**ପ୍ରଶ୍ନକର୍ତ୍ତା :** ଏଠି ସତସଙ୍ଗରେ ଅଛୁ, ତାହା ଅନିବାର୍ଯ୍ୟ ଅଟେ ନା ଐଚ୍ଛିକ ?

**ଦାଦାଶ୍ରୀ :** ତାହା ଅଟେ ତ ଅନିବାର୍ଯ୍ୟ, କିନ୍ତୁ ଏହା ଐଚ୍ଛିକବାଲା ଅନିବାର୍ଯ୍ୟ ଅଟେ । ଯିଏ ପୁରୁଷ(ଆତ୍ମା) ହୋଇନାହିଁ, ସେ ଐଚ୍ଛିକବାଲା ଅନିବାର୍ଯ୍ୟରେ ଆସିନାହିଁ । ତା'କୁ ତ ଅନିବାର୍ଯ୍ୟ ହିଁ ଅଟେ ।

ଏହି ୱ୍ୱର୍ଲଡ(ସଂସାର) କ'ଣ ଅଟେ ? ଅନିବାର୍ଯ୍ୟ ଅଟେ । ତୁମର ଜନ୍ମ ହେଲା ତାହା ମଧ୍ୟ ଅନିବାର୍ଯ୍ୟ ଅଟେ । ତୁମେ ସାରା ଜୀବନ ଯାହା କିଛି କରିଛ, ତାହା ମଧ୍ୟ ସବୁ ଅନିବାର୍ଯ୍ୟ ରୂପେ କରିଛ । ତୁମେ ବିବାହ କଲ, ତାହା ମଧ୍ୟ ଅନିବାର୍ଯ୍ୟ ଥିଲା ।

ଅନିବାର୍ଯ୍ୟକୁ ଦୁନିଆ କ'ଣ କହେ ? ଐଚ୍ଛିକ କହେ । ଯଦି ଐଚ୍ଛିକ ହୋଇଥାନ୍ତା ତେବେ କେହି ମରନ୍ତେ ହିଁ ନାହିଁ । କିନ୍ତୁ ମରିବାକୁ ତ ପଡ଼େ । ଯାହା ଭଲ ହୁଏ, ତାହା ମଧ୍ୟ ଅନିବାର୍ଯ୍ୟ ଏବଂ ଖରାପ ହୁଏ ତାହା ମଧ୍ୟ ଅନିବାର୍ଯ୍ୟ । କିନ୍ତୁ ତାହା ପଛରେ ନିଜର ଭାବ କ'ଣ ଅଛି, ତାହା ହିଁ ତୁମର ଐଚ୍ଛିକ । ତୁମେ କେଉଁ ହେତୁ(ଉଦ୍ଦେଶ୍ୟ)ରେ କଲ, ତାହା ହିଁ ତୁମର ଐଚ୍ଛିକ । ଭଗବାନ ତ ତାହା ହିଁ ଦେଖନ୍ତି ଯେ ତୁମର ହେତୁ କ'ଣ ଥିଲା । ବୁଝିଗଲ ନା ?

ସବୁ ଲୋକ ନିୟତି କୁହନ୍ତି, ଯେ ଯାହା ହେବାର ଥିବ ତାହା ହେବ, ହେବାର ନଥିବ ତାହା ହେବ ନାହିଁ । କିନ୍ତୁ ଏକୁଟିଆ ନିୟତି କିଛି କରିପାରିବ ନାହିଁ । ସେ ପ୍ରତ୍ୟେକ ଜିନିଷ ଯେବେ ଏକାଠି ହୋଇଯାଏ, ସାଇଣ୍ଟିଫିକ୍ ସରକମ୍ସ୍ଟେନ୍ସିୟଲ୍ ଏଭିଡେନ୍ସ ଏକାଠି ହୋଇଯାଏ ତେବେ ସବୁ ହୁଏ, ପାର୍ଲାମେଣ୍ଟାରି ପଦ୍ଧତିରେ ହୁଏ ।

ତୁମେ ଏଠାକୁ ଆସିଲ ତେବେ ତୁମ ମନରେ ଏପରି ହୁଏ ଯେ ଏଠାକୁ ଆସିଲି ତାହା ବହୁତ ଭଲ ହେଲା ଏବଂ ଅନ୍ୟ ଜଣଙ୍କ ମନରେ ଏପରି ହୁଏ ଯେ ଏଠାକୁ ନ

ଆସିଥିଲେ ଭଲ ହୋଇଥାନ୍ତା । ସେ ଦୁଇ ପୁରୁଷାର୍ଥ ଅଲଗା ଅଟେ । ତୁମ ଭିତରେ ଯେଉଁ ହେତୁ ଅଛି, ଯେଉଁ ଭାବ ଅଛି, ତାହା ହିଁ ପୁରୁଷାର୍ଥ । ଏଠାକୁ ଆସିଲ ସେ ସବୁ ଅନିବାର୍ଯ୍ୟ ଅଟେ, ପ୍ରାରବ୍ଧ ଅଟେ ଆଉ ପ୍ରାରବ୍ଧ ତ ଅନ୍ୟର ହାତରେ ଅଛି, ତୁମ ହାତରେ ନାହିଁ ।

ତୁମେ ଯାହା କରିପାରିବ, ତୁମର ଯାହା ବି କରିବାର ଶକ୍ତି ଅଛି କିନ୍ତୁ ତୁମର ଖିଆଲ ନାହିଁ ଏବଂ ଯେଉଁଠି କରିବାର ନାହିଁ, ଯାହା ପରସତ୍ତାରେ ଅଛି ସେଠି ତୁମେ ହାତ ମାରୁଛ । ସର୍ଜନ ଶକ୍ତି ତୁମ ହାତରେ ଅଛି କିନ୍ତୁ ବିସର୍ଜନ ଶକ୍ତି ତୁମ ହାତରେ ନାହିଁ । ଯେଉଁ ସର୍ଜନ ତୁମେ କରିଛ, ତାହାର ବିସର୍ଜନ ତୁମ ହାତରେ ନାହିଁ । ଏହି ପୁରା ଜୀବନ କେବଳ ବିସର୍ଜନ ହିଁ ହେଉଛି । ସେଥିରେ ସର୍ଜନ ମଧ୍ୟ ହେଉଅଛି, ତାହା ଆଖିରେ ଦେଖାଯାଏ ନାହିଁ ଏପରି ଅଟେ ।

## ପ୍ରାରବ୍ଧ-ପୁରୁଷାର୍ଥର ଡିମାର୍କେଶନ୍ !

ଭଗବାନ କିଛି ଦିଅନ୍ତି ନାହିଁ । ତୁମେ ଯାହା କର, ତାହାର ଫଳ ତୁମକୁ ମିଳେ । ତୁମେ ଭଲ କାମ କରିବ ତେବେ ଭଲ ଫଳ ମିଳିବ ଏବଂ ଖରାପ କାମ କରିବ ତେବେ ଖରାପ ଫଳ ମିଳିବ । ତୁମେ ଏ ଭାଇକୁ ଗାଳିଦେବ ତେବେ ସେ ମଧ୍ୟ ତୁମକୁ ଗାଳି ଦେବ ଏବଂ ତୁମେ ଯଦି ଗାଳି ଦେବ ନାହିଁ ତେବେ ତୁମକୁ କେହି ଗାଳି ଦେବେ ନାହିଁ ।

**ପ୍ରଶ୍ନକର୍ତ୍ତା :** ମୁଁ କାହାରିକୁ ଗାଳି ଦିଏ ନାହିଁ, ତଥାପି ମୋତେ ଗାଳି ଦିଅନ୍ତି, ଏପରି କାହିଁକି ?

**ଦାଦାଶ୍ରୀ :** ଏହି ଜନ୍ମର ଖାତାର ହିସାବ ଦେଖାଯାଉ ନାହିଁ, ତେବେ ପୂର୍ବ ଜନ୍ମର ଖାତାର ହିସାବ ରହିଥାଏ । କିନ୍ତୁ ତୁମକୁ ହିଁ ଗାଳି କାହିଁକି ଦେଲା ?

**ପ୍ରଶ୍ନକର୍ତ୍ତା :** ତାହା ଏପରି ପରିସ୍ଥିତି ଅଟେ, ଏପରି ବୁଝିବାର ଅଛି ?

**ଦାଦାଶ୍ରୀ :** ହଁ, ପରିସ୍ଥିତି ! ମୁଁ ତାହାକୁ ସାଇଣ୍ଟିଫିକ୍ ସରକମ୍ସ୍ଟେନ୍ସିୟଲ୍ ଏଭିଡେନ୍ସ କହେ । ପରିସ୍ଥିତି ହିଁ ଏପରି ଆସିଗଲା ତେବେ ସେଥିରେ ଖରାପ ମାନିବାର କୌଣସି ଆବଶ୍ୟକତା ନାହିଁ । ପ୍ରକୃତ କଥା କ'ଣ ? କେହି ବ୍ୟକ୍ତି କାହାକୁ ଗାଳି ଦିଏ ହିଁ ନାହିଁ । ପରିସ୍ଥିତି ହିଁ ଗାଳି ଦିଏ । ଓନ୍ଲୀ ସାଇଣ୍ଟିଫିକ୍ ସରକମ୍ସ୍ଟେନ୍ସିୟଲ୍ ଏଭିଡେନ୍ସ ହିଁ ଗାଳି ଦିଏ । ପକେଟ କେହି ମାରେ ହିଁ ନାହିଁ, ପରିସ୍ଥିତି ହିଁ ପକେଟ ମାରେ । କିନ୍ତୁ ମନୁଷ୍ୟକୁ

ପରିସ୍ଥିତିର ଖିଆଲ ରହିବ ନାହିଁ । ମୁଁ ଆଉ ଗୋଟିଏ କଥା କହିବି ?

କେହି ବ୍ୟକ୍ତି ତୁମର ପକେଟ ମାରିଦେଲା ଏବଂ ଦୁଇଶହ ଟଙ୍କା ନେଇଗଲା । ତେବେ ତୁମକୁ, ଦୁନିଆବାଲାଙ୍କୁ ଏପରି ଲାଗିବ ଯେ ଇଏ ଖରାପ ବ୍ୟକ୍ତି ମୋ ପକେଟ ମାରିଦେଲା, ସେ ହିଁ ଦୋଷୀ ଅଟେ । କିନ୍ତୁ ତାହା ପ୍ରକୃତ କଥା ନୁହେଁ । ପ୍ରକୃତ କଥା ଏହା ଯେ ତୁମର ଦୁଇଶହ ଟଙ୍କା ଯିବା ପାଇଁ ପ୍ରସ୍ତୁତ ହେଲା, କାରଣ ତାହା ଅସତ୍ ପଇସା ଥିଲା । ତେବେ ଏହାପାଇଁ ସେ ବ୍ୟକ୍ତି କେବଳ ନିମିତ୍ତ(ମାଧ୍ୟମ) ହୋଇଗଲା । ସେ ନିମିତ୍ତ ଅଟେ, ତେବେ ତୁମେ ତା'କୁ ଆଶୀର୍ବାଦ ଦେବା ଉଚିତ ଯେ ତୁମେ ମୋତେ ଏହି କର୍ମରୁ ମୁକ୍ତ କଲ । କେହି ଗାଳି ଦିଏ ତେବେ ମଧ୍ୟ ସେ ନିମିତ୍ତ ଅଟେ । ତୁମକୁ କର୍ମରୁ ମୁକ୍ତ କରୁଛି । ତା'କୁ ତୁମେ ଆଶୀର୍ବାଦ ଦେବା ଉଚିତ । କେହି ପଚାଶ ଗାଳି ଦିଏ କିନ୍ତୁ ତାହା ଏକାବନ ହୋଇପାରିବ ନାହିଁ । ପଚାଶ ହୋଇଗଲା, ପୁଣି ତୁମେ କହିବ ଯେ ଭାଇ, ମୋତେ ଆହୁରି ଗାଳି ଦିଅ, ତେବେ ସେ ଦେବ ନାହିଁ । ମୋର ଏହି କଥା ବୁଝାପଡ଼ିଲା ? ଏହି ଓ୍ୱନ୍ ସେଣ୍ଟେନ୍ସରେ ସବୁ ପଜ୍ଲ ସଲ୍‌ଭ ହୋଇଯାଏ । କେହି ଗାଳି ଦିଏ, ପଥର ମାରେ, ତେବେ ମଧ୍ୟ ସେ ନିମିତ୍ତ ଅଟେ ଏବଂ ଉତ୍ତରଦାୟିତ୍ୱ ତୁମର ଅଟେ । କାରଣ ପୂର୍ବରୁ ତୁମେ କରିଛ, ତାହାର ଆଜି ଫଳ ମିଳିଲା ।

ପୂର୍ବେ ଯାହା ଭାବନା କରିଥିଲ, ଆଜି ଏହା ତାହାର ଫଳ ଅଟେ । ତେବେ ଫଳରେ ତୁମେ କ'ଣ କରିପାରିବ ? ରେଜଲ୍ଟରେ ତୁମେ କିଛି କରିପାରିବ ? ତୁମେ ବିବାହ କଲ ତେବେ କ'ଣ ସେହି ସମୟରେ ଟେଣ୍ଡର ବାହାର କରିଥିଲ ଯେ ସ୍ତ୍ରୀ ଦରକାର ? ନା, ତାହା ତ ପୂର୍ବେ ଭାବନା କରି ଦେଇଥିଲ । ସବୁ ପ୍ରସ୍ତୁତ ହେଉଅଛି, ପରେ ରେଜଲ୍ଟ ଆସିବ । ତେବେ ସ୍ତ୍ରୀ ମିଳେ, ତାହା ରେଜଲ୍ଟ ଅଟେ । ପରେ ତୁମେ କହିବ ଯେ ମୋତେ ଏହି ସ୍ତ୍ରୀ ପସନ୍ଦ ନୁହେଁ । ଆରେ ଭାଇ, ଏହା ତ ତୁମର ହିଁ ରେଜଲ୍ଟ ଅଟେ । ପୁଣି ତୁମକୁ ପସନ୍ଦ ନୁହେଁ, ଏହା କିପରି କହୁଛ ? ପରୀକ୍ଷାର ରେଜଲ୍ଟରେ ଫେଲ୍ ହୋଇଗଲେ, ପରେ ଏଥିରେ ପସନ୍ଦ-ନାପସନ୍ଦ କରିବାର ଆବଶ୍ୟକତା କ'ଣ ?

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ଯେଉଁ ପୁରୁଷାର୍ଥ, ତାହା କ'ଣ ?

**ଦାଦାଶ୍ରୀ :** ପ୍ରକୃତ ପୁରୁଷାର୍ଥ ତ ପୁରୁଷ(ଆତ୍ମା) ହେବା ପରେ ହୁଏ । ପ୍ରକୃତି ରିଲେଟିଭ୍ ଅଟେ, ପୁରୁଷ ରିୟଲ୍ ଅଟେ । ଯେବେ ପୁରୁଷ ଏବଂ ପ୍ରକୃତିର ଡିମାର୍କେଶନ୍ ହୋଇଯାଏ ଯେ ଏହା ପ୍ରକୃତି ଅଟେ ଏବଂ ଏହା ପୁରୁଷ ଅଟେ, ପରେ ପ୍ରକୃତ ପୁରୁଷାର୍ଥ ହୁଏ । ସେପର୍ଯ୍ୟନ୍ତ ପୁରୁଷାର୍ଥ ନାହିଁ । ସେପର୍ଯ୍ୟନ୍ତ ଭ୍ରାନ୍ତ ପୁରୁଷାର୍ଥ କୁହାଯିବ ।

ତାହା କିପରି ହୁଏ ଯେ ତୁମେ ହଜାର ଟଙ୍କା ଦାନ ଦେଲ ଏବଂ ତୁମେ ଇଗୋଇଜମ୍ କରିବ ଯେ 'ମୁଁ ହଜାର ଟଙ୍କା ଦାନରେ ଦେଇ ଦେଲି', ତେବେ ଏହା ହିଁ ପୁରୁଷାର୍ଥ ଅଟେ । 'ମୁଁ ଦେଲି' କହେ, ତାହାକୁ ଭ୍ରାନ୍ତ ପୁରୁଷାର୍ଥ କୁହାଯାଏ । ତୁମେ କାହାକୁ ଗାଳି ଦେଲ ଏବଂ ପରେ ପଶ୍ଚାତାପ କର ଯେ 'ଏପରି ନ ହେବା ଉଚିତ', ତେବେ ତାହା ମଧ୍ୟ ଭ୍ରାନ୍ତ ପୁରୁଷାର୍ଥ ହୋଇଗଲା । ତୁମକୁ ଠିକ୍ ଲାଗେ, ଏପରି ଶୁଭ ହୋଇଥିବ ତେବେ ସେଥିରେ କୁହ ଯେ, 'ମୁଁ କଲି' ତେବେ ଭ୍ରାନ୍ତ ପୁରୁଷାର୍ଥ ହୁଏ ଏବଂ ଯେବେ ଅଶୁଭ ହୁଏ, ସେଥିରେ ମୌନ ରୁହ ଏବଂ ପଶ୍ଚାତାପ କର ତେବେ ମଧ୍ୟ ଭ୍ରାନ୍ତ ପୁରୁଷାର୍ଥ ହୁଏ । (ଜ୍ଞାନ ପ୍ରାପ୍ତ ପରେ)'ମୁଁ କଲି' ଏପରି ସହଜ ରୂପରେ ଯଦି କୁହେ ତେବେ ଇଗୋଇଜମ୍ କରେ ନାହିଁ, ତାହା ତ ଆଗ(ମୋକ୍ଷ) ପାଇଁ (ରିୟଲ୍) ପୁରୁଷାର୍ଥ କରୁଛି । କିନ୍ତୁ ଇଗୋଇଜମ୍ ନର୍ମାଲିଟୀରେ ରଖିବା ଉଚିତ । ଏବଭ୍ ନର୍ମାଲ୍ ଇଗୋଇଜମ୍ ଇଜ୍ ପଏଜନ୍ ଏଣ୍ଡ୍ ବିଲୋ ନର୍ମାଲ୍ ଇଗୋଇଜମ୍ ଇଜ୍ ପଏଜନ୍(ସାଧାରଣରୁ ଅଧିକ ଅହଙ୍କାର ବିଷ ଅଟେ ଏବଂ ସାଧାରଣରୁ କମ ଅହଙ୍କାର ବିଷ ଅଟେ), ତାହାକୁ ପୁରୁଷାର୍ଥ କୁହାଯାଇ ପାରିବ ନାହିଁ ।

ମୋତେ ବଡ଼-ବଡ଼ ସାହିତ୍ୟକାର ଲୋକେ ପଚାରନ୍ତି ଯେ, 'ଦାଦା ଭଗବାନ କା ଅସୀମ ଜୟ ଜୟକାର ହୋ' ବୋଲନ୍ତି, ତେବେ ଆପଣଙ୍କୁ କିଛି ହୁଏ ନାହିଁ? ତେବେ ମୁଁ କ'ଣ କହିଲି ଯେ ମୋତେ କ'ଣ ଦରକାର ? ମୋ ଭିତରେ ଏତେ ସୁଖ ଅଛି ତେବେ ଏହାର କ'ଣ ଆବଶ୍ୟକତା ? ଏହା ତ ତୁମର ଫାଇଦା ପାଇଁ ବୋଲିବାର ଅଛି । ମୁଁ ତ ପୁରା ଜଗତର ଶିଷ୍ୟ ଅଟେ ଏବଂ ଲଘୁତମ ଅଟେ । ବାଏ ରିଲେଟିଭ୍ ଭ୍ୟୁ ପଏଣ୍ଟ, ମୁଁ ଲଘୁତମ ଅଟେ ଏବଂ ବାଏ ରିୟଲ୍ ଭ୍ୟୁ ପଏଣ୍ଟ, ମୁଁ ଗୁରୁତମ ଅଟେ ! ଏ ବାହାରେ ସବୁ ଲୋକ ଅଛନ୍ତି, ସେମାନେ ରିଲେଟିଭ୍‌ରେ ଗୁରୁତମ ହେବାକୁ ଗଲେ । କିନ୍ତୁ ରିଲେଟିଭ୍‌ରେ ଗୁରୁତମ ହେବାର ନାହିଁ । ରିଲେଟିଭ୍‌ରେ ଲଘୁତମ ହେବାର ଅଛି, ତେବେ ରିୟଲ୍‌ରେ ଅଟୋମେଟିକ୍ ଗୁରୁତମ ପଦ ମିଳିଯିବ ।

ଭଗବାନଙ୍କ ଭକ୍ତି କରନ୍ତି, ତାହା ମଧ୍ୟ ପ୍ରାରବ୍ଧ ଅଟେ । ପ୍ରତ୍ୟେକ ଜିନିଷ ପ୍ରାରବ୍ଧ ହିଁ ଅଟେ ଏବଂ ପୁରୁଷାର୍ଥ ବିନା ପ୍ରାରବ୍ଧ ହୋଇପାରିବ ନାହିଁ । ପୁରୁଷାର୍ଥ ବୀଜ ସ୍ୱରୂପ ଅଟେ ଏବଂ ତାହାର ଯେଉଁ ବୃକ୍ଷ ହୁଏ, ସେ ସବୁ ପ୍ରାରବ୍ଧ ଅଟେ । ପଇସା ମିଳେ, ତାହା ମଧ୍ୟ ପ୍ରାରବ୍ଧ ଅଟେ କିନ୍ତୁ ପଇସା ଦାନରେ ଦେବାର ଭାବନା ଅଛି, ତାହା ପୁରୁଷାର୍ଥ ଅଟେ । ତୁମେ ଭଗବାନଙ୍କ ଭକ୍ତି କରିବା ପାଇଁ ବସିଛ ଏବଂ ବାହାରେ କେହି ବ୍ୟକ୍ତି

ତୁମକୁ ଡାକିବାକୁ ଆସିଲା । ତେବେ ତୁମ ମନରେ ଭକ୍ତି ଶୀଘ୍ର ପୂରା କରିଦେବାର ବିଚାର ହୋଇଗଲା । ତେବେ ଶୀଘ୍ର ପୂରା କରିଦେବାର ବିଚାର ତାହା ପୁରୁଷାର୍ଥ ଅଟେ ଏବଂ ଭକ୍ତି କଲ ସେ ସବୁ ପ୍ରାରବ୍ଧ ଅଟେ । ଭିତରେ ଯେଉଁ ଭାବ ହୁଏ, ତାହା ହିଁ ପୁରୁଷାର୍ଥ ଅଟେ । ଏ ମନ, ବୁଦ୍ଧି, ଶରୀର ସବୁ ମିଶି ଯାହା ହୁଏ, ତାହା ସବୁ ପ୍ରାରବ୍ଧ ଅଟେ । ଏହି ଲାଇନ୍ ଅଫ୍ ଡିମାର୍କେଶନ୍(ଭେଦରେଖା) ପ୍ରାରବ୍ଧ ଏବଂ ପୁରୁଷାର୍ଥ ମଧ୍ୟରେ ଅଛି, ତାହା ତୁମେ ବୁଝିଗଲ ନା ? !

ଡେରିରେ ଉଠିଲା ତାହା ପ୍ରାରବ୍ଧ ଅଟେ କିନ୍ତୁ ଭଗବାନଙ୍କ ଭକ୍ତି କରିବାର ଭାବ କରିଥିଲା, ତାହା ପୁରୁଷାର୍ଥ ଅଟେ । କେହି ଜଲଦି ଉଠେ, ତାହା ମଧ୍ୟ ପ୍ରାରବ୍ଧ ଅଟେ । କେହି ତୁମ ଉପରେ ଉପକାର କଲା କିନ୍ତୁ ତା'କୁ ଯେତେବେଳେ ଅସୁବିଧା ଆସିଲା ସେତେବେଳେ ତୁମେ ହେଲ୍ପ କର ତାହା ପ୍ରାରବ୍ଧ ଅଟେ, କିନ୍ତୁ ତୁମେ ବିଚାର କଲ ଯେ 'ତା'କୁ ହେଲ୍ପ କରିବାର ଆବଶ୍ୟକତା ନାହିଁ', ତେବେ ତାହା ତୁମେ ଭୁଲ ପୁରୁଷାର୍ଥ କରିଦେଲ । ଭାବକୁ ବିଗାଡ଼ ନାହିଁ । ଭାବ ତାହା ତ ପୁରୁଷାର୍ଥ ଅଟେ । କେହି ତୁମକୁ ପଇସା ଦେଇଛି, ତେବେ ପଇସା ଦେବାବାଲାର ବି ପ୍ରାରବ୍ଧ ଅଟେ, ତୁମର ବି ପ୍ରାରବ୍ଧ ଅଟେ । କିନ୍ତୁ ତୁମେ ବିଚାର କଲ ଯେ, 'ପଇସା ନ ଫେରାଇବି ତେବେ ସେ ମୋର କ'ଣ କରିବ', ତେବେ ତାହା ଓଲଟା ପୁରୁଷାର୍ଥ ହୋଇଗଲା । ନହେଲେ ତା'କୁ ପଇସା ଫେରାଇବାର ଭାବ ଅଛି, ତେବେ ତାହା ମଧ୍ୟ ପୁରୁଷାର୍ଥ ଅଟେ, ସିଧା ପୁରୁଷାର୍ଥ ଅଟେ ।

ଚୋରି କଲା ତାହା ମଧ୍ୟ ପ୍ରାରବ୍ଧ ଅଟେ, କିନ୍ତୁ ପଶ୍ଚାତାପ ହୋଇଗଲା, ତେବେ ତାହା ପୁରୁଷାର୍ଥ ଅଟେ । ଚୋରି କଲା ପୁଣି ତା'କୁ ଆନନ୍ଦ ହୋଇଗଲା ତେବେ ତାହା ମଧ୍ୟ ପ୍ରାରବ୍ଧ ଅଟେ, କିନ୍ତୁ ଭାବ ଅଛି ଯେ 'ଏପରି କେବେ କରିବା ଉଚିତ ନୁହେଁ' ତେବେ ତାହା ପୁରୁଷାର୍ଥ ଅଟେ । ଚୋରି କରେ କିନ୍ତୁ ପ୍ରତ୍ୟେକଥର କୁହେ ଯେ 'ମରି ଗଲେ ମଧ୍ୟ ଏପରି ଚୋରି କରିବା ଉଚିତ ନୁହେଁ', ତେବେ ତାହା ପୁରୁଷାର୍ଥ ଅଟେ ।

**ପ୍ରଶ୍ନକର୍ତ୍ତା :** ଗରିବଙ୍କ ଘରକୁ ଯାଇ ସେବା କରିଛନ୍ତି, ମାଗଣା ଔଷଧ ଦେଇଛନ୍ତି, ନିଜେ ଆଧ୍ୟାତ୍ମିକ ବିଚାରବାଲା ଅଟନ୍ତି, ତଥାପି ତାଙ୍କୁ ଏକ ଏଭଳି ଶାରୀରିକ ବ୍ୟାଧି ହୋଇଛି, ତାହାଦ୍ୱାରା ତାଙ୍କୁ ବହୁତ ଅସୁବିଧା ହେଉଛି । ତାହା କାହିଁକି, ଏହା ବୁଝି ହେଉ ନାହିଁ ।

**ଦାଦାଶ୍ରୀ :** ତୁମେ ଯାହା ଦେଖିଲ, ସେ ବହୁତ ଭଲ ଭଲ କାମ କରିଛନ୍ତି, ତାହାର ଫଳ ପରଜନ୍ମରେ ମିଳିବ । ଏହି ଜନ୍ମରେ ପୂର୍ବଜନ୍ମର ଫଳ ମିଳିଛି ।

**ପ୍ରଶ୍ନକର୍ତ୍ତା :** ପରେ କାହିଁକି ମିଳିବ ? ହ୍ୱାଏ ନଟ୍ ନାଓ ଇଟ୍‌ସେଲ୍ଫ(ଏବେ କାହିଁକି ନୁହେଁ) ? ଏବେ ଭୋକ ଲାଗେ, ତେବେ ଏବେ ଖାଏ । ଏବେ ଖାଏ ତେବେ ତା'କୁ ସନ୍ତୋଷ ହୁଏ ।

**ଦାଦାଶ୍ରୀ :** ଏହି ଦୁଃଖ ଆସେ, ତାହା ପୂର୍ବ ଜନ୍ମର ଖରାପ କର୍ମର ଫଳ ଅଟେ । ଭଲ କାମ କରେ, ତାହା ମଧ୍ୟ ପୂର୍ବ ଜନ୍ମର ଭଲ କର୍ମର ଫଳ ଅଟେ । କିନ୍ତୁ ଏଥିରେ ପରଜନ୍ମ ପାଇଁ ନୂଆ କର୍ମ ବାନ୍ଧେ । କର୍ମର ଅର୍ଥ କ'ଣ ଯେ ଜଣେ ପିଲା ହୋଟେଲରେ ହିଁ ଖାଏ । ତୁମେ କହିଲ ଯେ ହୋଟେଲରେ ଖାଅ ନାହିଁ, ସେ ପିଲା ବି ବୁଝେ ଯେ ଏହା ଭୁଲ ହେଉଅଛି, ତଥାପି ପ୍ରତିଦିନ ଯାଇ ଖାଏ । କାହିଁକି ? ତାହା ପୂର୍ବ କର୍ମର ଫଳ ଆସିଛି ଆଉ ଏବେ ଯେଉଁ ଖାଏ, ତାହାର ଫଳ ତା'କୁ ଏବେ ମିଳିଯିବ । ସେହି ଶରୀର ଖରାପ ହୋଇଯିବ ଏବଂ ଏଇଠି ହିଁ ଫଳ ମିଳିଯିବ । କିନ୍ତୁ ଆନ୍ତରିକ କର୍ମ ଅଛି, ଭାବକର୍ମ ଯେ 'ଏହା ନଖାଇବା ଉଚିତ', ତେବେ ତାହାର ଫଳ ପରେ ମିଳିବ । ଏହିପରି ଦୁଇ ପ୍ରକାର କର୍ମ ଅଛି । ସ୍ଥୁଳ କର୍ମ, ତାହାର ଫଳ ଏଇଠି ହିଁ ମିଳେ । ସୂକ୍ଷ୍ମ କର୍ମ, ତାହାର ଫଳ ପରଜନ୍ମରେ ମିଳେ ।

**ପ୍ରଶ୍ନକର୍ତ୍ତା :** ଆଇ କ୍ୟାଣ୍ଟ୍ ବିଲିଭ୍ ଦିସ୍(ମୁଁ ଏହା ବିଶ୍ୱାସ କରିପାରୁ ନାହିଁ) !

**ଦାଦାଶ୍ରୀ :** ହଁ, ତୁମେ ମାନିବ ନାହିଁ ତେବେ ମଧ୍ୟ ନିୟମରେ ତ ରହିବାକୁ ପଡ଼ିବ ନା ? ମାନିବ ତେବେ ମଧ୍ୟ ନିୟମରେ ହିଁ ରହିବାକୁ ପଡ଼ିବ । ଏଥିରେ ତୁମର କିଛି ଚାଲିବ ନାହିଁ ! କାହାର କିଛି ଚାଲିବ ନାହିଁ । ଦି ୱାର୍ଲଡ୍ ଇଜ୍ ଏଭର୍ ରେଗ୍ୟୁଲାର୍ ! ଏହି ୱାର୍ଲଡ୍ ରେ କୌଣସି ଦିନ ଭୁଲଭାଲ୍ ହୋଇ ନାହିଁ । ଏହି ୱାର୍ଲଡ୍ ଏଭର୍ ରେଗ୍ୟୁଲାର୍ ହିଁ ଅଟେ ଏବଂ ସେ ତୁମର ହିଁ କର୍ମର ଫଳ ଦିଏ । ତା'କୁ ରେଗ୍ୟୁଲାରିଟିରେ କୌଣସି ଅସୁବିଧା ନାହିଁ । ସେ ସର୍ବଦା ନ୍ୟାୟୀ ହିଁ ରହିଥାଏ । ପ୍ରକୃତି ନ୍ୟାୟୀ ହିଁ ଅଟେ । ପ୍ରକୃତି ନ୍ୟାୟରୁ ବାହାରକୁ କେବେ ଯାଏ ହିଁ ନାହିଁ ।

## ପ୍ରତ୍ୟେକ ଇଫେକ୍ଟରେ କଜେଜ୍ କାହାର ?

**ଦାଦାଶ୍ରୀ :** ଏହି ଶରୀରରେ କେତେ ବର୍ଷ ରହିବାର ଅଛି ?

**ପ୍ରଶ୍ନକର୍ତ୍ତା :** ଯେପର୍ଯ୍ୟନ୍ତ ଆମର ଏକ୍ସପେକ୍ଟେସନ୍ ଅଛି, ଫୁଲ୍‌ଫିଲ୍‌ମେଣ୍ଟ୍ ଅଛି, ତାହା ପୂରା ହୋଇ ନାହିଁ, ସେପର୍ଯ୍ୟନ୍ତ ତ ରହିବୁ ନା ?

**ଦାଦାଶ୍ରୀ :** ତାହା ହିସାବ ଅଟେ, ତାହା ତ ପୂରା ହୋଇଯାଏ । କିନ୍ତୁ ନୂଆ କ'ଣ ହୁଏ ସେଥିରୁ ?

**ପ୍ରଶ୍ନକର୍ତ୍ତା :** ଗୋଟିଏ ପରେ ଗୋଟିଏ ନୂଆ ଜିନିଷ ତ ଆସେ ।

**ଦାଦାଶ୍ରୀ :** ନୂଆ ଜିନିଷ ଭଲ ଆସିବା ଦରକାର ନା ଖରାପ ?

**ପ୍ରଶ୍ନକର୍ତ୍ତା :** ଭଲ ହିଁ ଆସିବା ଦରକାର ।

**ଦାଦାଶ୍ରୀ :** ତୁମକୁ ପସନ୍ଦ ନ ଆସିବା ପରି ଖରାପ ଏକ୍ସପେକ୍ଟେସନ୍ କରିଛ, ପୂର୍ବଜନ୍ମରେ ?

**ପ୍ରଶ୍ନକର୍ତ୍ତା :** ଜଣା ନାହିଁ ।

**ଦାଦାଶ୍ରୀ :** ତୁମକୁ ପସନ୍ଦ ଆସେ ନାହିଁ, ଏପରି କ'ଣ କେବେ ଆସେ ?

**ପ୍ରଶ୍ନକର୍ତ୍ତା :** ଆସେ ।

**ଦାଦାଶ୍ରୀ :** ଯାହା ତୁମକୁ ପସନ୍ଦ ଆସେ ନାହିଁ ତାହା କାହିଁକି ଆସେ ? କେହି ଜବରଦସ୍ତି କଲା ?

**ପ୍ରଶ୍ନକର୍ତ୍ତା :** ନା ।

**ଦାଦାଶ୍ରୀ :** ତେବେ ପୁଣି କାହାର ? ତୁମ ନିଜର ଅଟେ ନା ଅନ୍ୟର ?

**ପ୍ରଶ୍ନକର୍ତ୍ତା :** ଏକ୍ସପେକ୍ଟେସନ୍ ଯେଉଁ ଅଛି, ତାହା ତ ଆମ ନିଜର ହିଁ ହୋଇଥାଏ ।

**ଦାଦାଶ୍ରୀ :** ହଁ, କିନ୍ତୁ ସେ ଖରାପ ପସନ୍ଦ ଆସେ ନାହିଁ ନା ? ଯାହା କିଛି ହୁଏ, ତାହା ନିଜର ଏକ୍ସପେକ୍ଟେସନ୍ ଅଟେ, ତେବେ ଖରାପ କାହିଁକି ପସନ୍ଦ ଆସୁନାହିଁ ?

**ପ୍ରଶ୍ନକର୍ତ୍ତା :** ନିଜର ଯେଉଁ ଏକ୍ସପେକ୍ଟେସନ୍ ଅଛି, ତାହା ତ ଆମେ ଚାହୁଁ ଯେ ଭଲ ହିଁ ରହିବା ଉଚିତ, କିନ୍ତୁ ଏପରି ହୁଏ ନାହିଁ ନା ?

**ଦାଦାଶ୍ରୀ :** କାହିଁକି ? ସେଥିରେ ତୁମେ 'ନିଜେ' ନାହଁ ?

**ପ୍ରଶ୍ନକର୍ତ୍ତା :** ଅଛୁ ।

**ଦାଦାଶ୍ରୀ :** ତେବେ ପୁଣି ପରିବର୍ତ୍ତନ କାହିଁକି କରୁନାହଁ ? ଯେଉଁଠି ସିଗ୍ନେଚର୍ କରୁଛ, ସେହି ହିସାବରେ ସବୁ ଆସେ । ତେବେ ଯେଉଁ ସିଗ୍ନେଚର୍ କରିଛ, ତାହା ହିସାବରେ ଏକ୍ସପେକ୍ଟେସନ୍ ଆସେ । ପୁଣି ଏବେ କାହିଁକି ଭୁଲ ବାହାର କରୁଛ ? ଏବେ ଭୁଲ କାହିଁକି ଲାଗୁଛି ?

**ପ୍ରଶ୍ନକର୍ତ୍ତା :** ନା, ଭୁଲ ଲାଗୁନାହିଁ । କିଛି ଏକ୍ସପେକ୍ଟେସନ୍ ଏପରି ହୋଇଥାଏ ଯେ ନିଜ ତରଫରୁ ପୂରା କରି ହୁଏ ନାହିଁ ।

**ଦାଦାଶ୍ରୀ :** ତୁମର ଯେଉଁ ଏକ୍ସପେକ୍ଟେସନ୍ ଅଛି, ତାହା ପୂରା ହେଉ ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ଏକ୍ସପେକ୍ଟେସନ୍ ଦୁଇ ପ୍ରକାରର ଅଟେ । ପୂର୍ବର ଯେଉଁ ଏକ୍ସପେକ୍ଟେସନ୍ ଅଛି, ତାହା ପୂରା ହୋଇଯିବ ଏବଂ ନୂଆ ଏକ୍ସପେକ୍ଟେସନ୍ ଅଛି, ତାହା ଏବେ ପୂରା ହେବ ନାହିଁ । ଯାହା ନୂଆ ଅଟେ, ତାହା ପୂରା ହେବାର ନାହିଁ । ତାହା ଆସନ୍ତା ଜନ୍ମରେ ଆସିବ । ଯାହା ପୁରୁଣା ଅଟେ, ତାହା ଏଠାରେ ପୂରା ହୁଏ । ପୁରୁଣା ଏକ୍ସପେକ୍ଟେସନ୍, ତାହା ଇଫେକ୍ଟ ରୂପରେ ଅଛି, ଯାହାର କଜେଜ୍ ପୂର୍ବଜନ୍ମରେ କରିଥିଲ । ଏହି ଜନ୍ମରେ ତାହାର ଇଫେକ୍ଟ ଆସିଯାଇଛି, ଇଫେକ୍ଟରେ କିଛି ବଦଳି ପାରିବ ନାହିଁ । ଏବେ ଭିତରେ କଜେଜ୍ ହେଉଅଛି, ଆସନ୍ତା ଜନ୍ମରେ ତାହାର ଇଫେକ୍ଟ ଆସିବ । ତେଣୁ ଭଲ କଜେଜ୍ କର ।

ସାଙ୍ଗର ତା' ସ୍ତ୍ରୀ ସହ ଝଗଡ଼ା ତୁମେ ଦେଖିଲ ତେବେ ତୁମେ ବିଚାର କର ଯେ, 'ବାହା ହେବା କଥା ହିଁ ନୁହେଁ ।' ତେବେ ଆସନ୍ତା ଜନ୍ମରେ ତୁମର ବିବାହ ହେବ ନାହିଁ । ଏପରି କଜେଜ୍ କରିବ ନାହିଁ । ଯେପରି ଦେଖୁଛ, ସେପରି କଜେଜ୍ କରିବ ନାହିଁ । ଯାହା ଭଲ ଅଟେ, ସେପରି କଜେଜ୍ କର ।

ଭଲ କଜେଜ୍ କିପରି ହେବ, ତାହାର ସନ୍ଧାନ କର । ମୋତେ ଏହି ଭୌତିକ ସୁଖ ଦରକାର, ତେବେ କେଉଁ କଜେଜ୍ କରିବା ଉଚିତ ? ତେବେ ମୁଁ କହିବି, ଏପରି କଜେଜ୍ କରିବ ଯେ ମନ-ବଚନ-କାୟା ଦ୍ୱାରା କୌଣସି ଜୀବକୁ ମାରିବ ନାହିଁ, ଦୁଃଖ ଦେବ ନାହିଁ, ପୁଣି ତୁମକୁ ସୁଖ ହିଁ ମିଳିବ । ଏପରି କଜେଜ୍ ଦରକାର ।

ତୁମ ବର୍ଥରୁ ଡେଥ୍(ଜନ୍ମରୁ ମୃତ୍ୟୁ) ପର୍ଯ୍ୟନ୍ତ ସବୁ ଇଫେକ୍ଟ ହିଁ ଅଟେ । ଏଥିରୁ କଜେଜ୍ ହେଉଅଛି ଏବେ ।

**ପ୍ରଶ୍ନକର୍ତ୍ତା :** ଏହି ରିବର୍ଥ(ପୁନର୍ଜନ୍ମ) ର କୌଣସି ଏଣ୍ଡ୍(ଅନ୍ତ) ଥାଏ କି ?

**ଦାଦାଶ୍ରୀ :** ଏଣ୍ଡ୍ ତ ହୁଏ । ଯେବେ କଜେଜ୍ ବନ୍ଦ ହୋଇଯାଏ, ପୁଣି ଏଣ୍ଡ୍ ହୋଇଯାଏ । ଯେପର୍ଯ୍ୟନ୍ତ କଜେଜ୍ ଚାଲୁ ଅଛି ସେପର୍ଯ୍ୟନ୍ତ ଏଣ୍ଡ୍ ହୁଏ ନାହିଁ ।

**ପ୍ରଶ୍ନକର୍ତ୍ତା :** କଜେଜ୍ ବନ୍ଦ ହୋଇଯିବା ଉଚିତ ଏପରି କହିଲେ, ତେବେ କ'ଣ ଭଲ କଜେଜ୍ ଏବଂ ଖରାପ କଜେଜ୍, ଉଭୟ ବନ୍ଦ ହେବା ଉଚିତ ?

**ଦାଦାଶ୍ରୀ :** ଉଭୟ ବନ୍ଦ କରିବାର ଅଛି । କଜେଜ୍ ହୁଏ ଇଗୋଇଜମ୍‌ରୁ ଏବଂ ଇଫେକ୍ଟରୁ ସଂସାର ଚାଲେ । ଇଗୋଇଜମ୍ ଚାଲିଗଲା, ତେବେ କଜେଜ୍ ବନ୍ଦ ହୋଇଯିବ, ତେବେ ସଂସାର ବି ବନ୍ଦ ହୋଇଯିବ । ପୁଣି ପରମାନେଣ୍ଟ, ସନାତନ ସୁଖ ମିଳିଯାଏ । ଏବେ ଯେଉଁ ସୁଖ ମିଳୁଛି, ତାହା କଳ୍ପିତ ସୁଖ ଅଟେ, ଆରୋପିତ ସୁଖ ଅଟେ ଏବଂ ଦୁଃଖ ମଧ୍ୟ ଆରୋପିତ ଅଟେ । ପ୍ରକୃତ ଦୁଃଖ ବି ନୁହେଁ, ପ୍ରକୃତ ସୁଖ ବି ନୁହେଁ ।

## 'ସୂକ୍ଷ୍ମ ଶରୀର' କ'ଣ ?

**ପ୍ରଶ୍ନକର୍ତ୍ତା :** ସୂକ୍ଷ୍ମ ଶରୀର ଏହି ପୁନର୍ଜନ୍ମ ନିଏ କି ? ସ୍ଥୁଳ ଶରୀର ତ ଏହିଠାରେ ରହିଯାଏ ନା ?

**ଦାଦାଶ୍ରୀ :** ହଁ, ଯେଉଁ ଫିଜିକଲ୍ ବଡି(ଦେହ) ଅଛି ତାହା ଏଠାରେ ରହିଯାଏ ଏବଂ ସୂକ୍ଷ୍ମ ଶରୀର ସାଥିରେ ଯାଏ । ଯେପର୍ଯ୍ୟନ୍ତ ୱିକ୍‌ନେସ୍ ଯାଇ ନାହିଁ, ରାଗ୍-ଦ୍ୱେଷ ଯାଇ ନାହିଁ, ସେପର୍ଯ୍ୟନ୍ତ ପୁନର୍ଜନ୍ମ ଅଛି ।

**ପ୍ରଶ୍ନକର୍ତ୍ତା :** ଏହି ମନ, ବୁଦ୍ଧି, ଚିତ୍ତ, ଅହଙ୍କାରକୁ ହିଁ ସୂକ୍ଷ୍ମ ଶରୀର କହନ୍ତି କି ?

**ଦାଦାଶ୍ରୀ :** ନା, ତାହା ସୂକ୍ଷ୍ମ ଶରୀର ନୁହେଁ । ସୂକ୍ଷ୍ମ ଶରୀର ତ ଇଲେକ୍ଟ୍ରିକଲ୍ ବଡିକୁ କୁହନ୍ତି । ମନ, ବୁଦ୍ଧି, ଚିତ୍ତ, ଅହଙ୍କାର – ତାହା ତ ଅନ୍ତଃକରଣ ଅଟେ । ଇଲେକ୍ଟ୍ରିକଲ୍ ବଡି (ତେଜସ୍ ଶରୀର, ସୂକ୍ଷ୍ମ ଶରୀର) ପ୍ରତ୍ୟେକଙ୍କ ଦେହରେ ଥାଏ, ବୃକ୍ଷରେ, ପଶୁରେ, ସବୁଥିରେ ଥାଏ । ଯେଉଁ ଖାଇବା ଖାଉଛ, ତାହାର ପାଚନ ହୁଏ, ତାହା ଇଲେକ୍ଟ୍ରିକଲ୍ ବଡି ଦ୍ୱାରା ହିଁ ହୁଏ । ମରିବା ସମୟରେ ଆତ୍ମା ସହିତ କଜାଲ୍(causal) ବଡି ଏବଂ ଇଲେକ୍ଟ୍ରିକଲ୍ ବଡି ଯାଏ । ଆସନ୍ତା ଜନ୍ମରେ କଜାଲ୍ ବଡି ହିଁ ଇଫେକ୍ଟିଭ୍ ବଡି ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** କଜାଲ୍ ବଡିର କାରଣ ଆତ୍ମା ହିଁ ଅଟେ ନା ?

**ଦାଦାଶ୍ରୀ :** ନା, କଜାଲ୍ ବଡିର କାରଣ ଅଜ୍ଞାନତା ଅଟେ ।

**ପ୍ରଶ୍ନକର୍ତ୍ତା :** ଏହି ଇଲେକ୍ଟ୍ରିକଲ୍ ବଡି କ'ଣ, ତାହା ଆଉ ଥରେ ଟିକିଏ ବୁଝାନ୍ତୁ ।

**ଦାଦାଶ୍ରୀ :** ଏହି ଖାଦ୍ୟ ଖାଉଛ, ତାହା ଇଲେକ୍ଟ୍ରିକଲ୍ ବଡି ଦ୍ୱାରା ହଜମ ହୁଏ, ତାହାର ବ୍ଲଡ୍ ହୁଏ, ୟୁରିନ୍ ହେଇଯାଏ, ଏହି ସେପାରେସନ୍ ତାହାଦ୍ୱାରା ହୁଏ, ଏ କେଶ ହୁଏ, ନଖ ହୁଏ, ଏ ସବୁ ଇଲେକ୍ଟ୍ରିକଲ୍ ବଡି ଦ୍ୱାରା ହୁଏ । ଏଥିରେ ଭଗବାନ କିଛି କରନ୍ତି ନାହିଁ ।

ଏହି ଇଲେକ୍ଟ୍ରିକଲ୍ ବଡି, ଯେଉଁ ପଛରେ ମେରୁଦଣ୍ଡ ଅଛି, ସେଥିରୁ ତିନୋଟି ନାଡ଼ି ବାହାରି ଥାଏ । ଇଡ଼ା, ପିଙ୍ଗଳା ଏବଂ ସୁଷୁମ୍ନା । ସେଥିରୁ ଇଲେକ୍ଟ୍ରିସିଟି ପୁରା ବଡିକୁ ଯାଏ । ଏହି ରାଗିବା ମଧ୍ୟ ତାହା ଦ୍ୱାରା ହୁଏ । ଏହି ଇଲେକ୍ଟ୍ରିକଲ୍ ବଡି ପ୍ରତ୍ୟେକ ଜୀବରେ କମନ୍ ଅଟେ । ଇଲେକ୍ଟ୍ରିକଲ୍ ବଡି କେଉଁ ପର୍ଯ୍ୟନ୍ତ ରହେ ? ଯେପର୍ଯ୍ୟନ୍ତ ମୋକ୍ଷ ନ ହୁଏ, ସେପର୍ଯ୍ୟନ୍ତ ରହେ । ଇଲେକ୍ଟ୍ରିକଲ୍ ବଡି ଯୋଗୁଁ ଏହି ଆଖି ଦ୍ୱାରା ଦେଖାଯାଏ । ବଡିର ମ୍ୟାଗ୍ନେଟିକ ଇଫେକ୍ଟ ଅଛି, ତାହା ମଧ୍ୟ ଇଲେକ୍ଟ୍ରିକଲ୍ ବଡିରୁ ହୁଏ । ତୁମର ବିଚାର ନଥିବ, ତଥାପି ଆକର୍ଷଣ ହୋଇଯାଏ ନା ? ଏପରି ଏକ୍ସପେରିଏନ୍ସ ତୁମକୁ ଜୀବନରେ କେବେ ହୋଇଛି ନା ନାହିଁ ? ଥରେ-ଅଧେ ହୋଇଛି ? ଏହା ମ୍ୟାଗ୍ନେଟିକ ଇଫେକ୍ଟ ଅଟେ ଏବଂ ଆରୋପଣ କରେ ଯେ 'ମୋତେ ଏପରି ହେଉଛି ।' 'ଆରେ ଭାଇ, ତୋ ବିଚାରରେ ତ ନଥିଲା, ପୁଣି କାହିଁକି ମୁଣ୍ଡକୁ ନେଇ ଯାଉଛୁ ।'

ଶରୀରର ଯେଉଁ ନୂର୍, ଯେଉଁ ତେଜ ଥାଏ, ତାହା ଚାରି ପ୍ରକାରେ ପ୍ରାପ୍ତ ହୁଏ, ୧)କେହି ବହୁତ ଲକ୍ଷ୍ମୀବାନ ହୋଇଥିବ ଏବଂ ସୁଖ-ଶାନ୍ତିରେ ପଡ଼ି ରହେ ତେବେ ତେଜ ଆସେ, ତାହା ଲକ୍ଷ୍ମୀର ନୂର୍ । ୨) ଯଦି କେହି ଧର୍ମ କରେ ତେବେ ତା'ର ଆତ୍ମାର ପ୍ରଭାବ ପଡ଼େ, ତାହା ଧର୍ମର ନୂର୍ । ୩) କେହି ବହୁତ ପଢ଼େ, ରିଲେଟିଭ୍ ବିଦ୍ୟା ପ୍ରାପ୍ତ କରେ, ତାହାର ତେଜ ଆସେ, ତାହା ପାଣ୍ଡିତ୍ୟର ନୂର୍ । ୪) ବ୍ରହ୍ମଚର୍ଯ୍ୟର ତେଜ ଆସେ, ତାହା ବ୍ରହ୍ମଚର୍ଯ୍ୟର ନୂର୍ । ଏହି ଚାରୋଟିଯାକ ନୂର୍ ସୂକ୍ଷ୍ମ ଶରୀରରୁ ଆସେ ।

**ପ୍ରଶ୍ନକର୍ତ୍ତା :** ଏହି ଇଲେକ୍ଟ୍ରିକଲ୍ ବଡିର ସଞ୍ଚାଳନ 'ବ୍ୟବସ୍ଥିତ ଶକ୍ତି' କରେ କି ?

**ଦାଦାଶ୍ରୀ :** ଏହାର ସଞ୍ଚାଳନ ଏବଂ ବ୍ୟବସ୍ଥିତ ଶକ୍ତିର କୌଣସି ନେବା-

ଦେବା ନାହିଁ । ଇଲେକ୍ଟ୍ରିକଲ୍ ବଡି ତା'ର ସ୍ୱଭାବରେ ହିଁ ଅଛି । ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଅଟେ । କାହାର ବି ଅଧୀନରେ ନାହିଁ ।

## ଇଣ୍ଡେଣ୍ଟ୍ କଲା କିଏ? ଜାଣିଲା କିଏ?

**ଦାଦାଶ୍ରୀ :** ଏହି ଖାଇବା ଖାଉଛ ତାହାର ଇଣ୍ଡେଣ୍ଟ୍(ବରାଦ) କିଏ ଦିଏ? ଏହି ଇଣ୍ଡେଣ୍ଟ୍ କିଏ ଭରେ? ଏହି ଇଣ୍ଡେଣ୍ଟ୍ କାହାର? ତୁମେ ନିଜେ ଅଛ ଏଥିରେ?

**ପ୍ରଶ୍ନକର୍ତ୍ତା :** ତାହା ତ ଜଣା ନାହିଁ ।

**ଦାଦାଶ୍ରୀ :** ସେହି ଇଣ୍ଡେଣ୍ଟ୍ ଦେହ କରେ । ଏହି ଦେହର ପରମାଣୁ ଥାଆନ୍ତି, ସେମାନେ ଇଣ୍ଡେଣ୍ଟ୍ କରନ୍ତି । ଏଥିରେ ମନର କୌଣସି ଆବଶ୍ୟକତା ନାହିଁ । ମନର ଆବଶ୍ୟକତା କେବେ ପଡ଼େ? ମନର ଏଭିଡେନ୍ସ କେବେ ହୁଏ, ନା ଯେବେ ଟେଷ୍ଟ ପାଇଁ ଖଟା-ମିଠା ଦରକାର ସେତେବେଳେ ତାହା ମନ ପାଇଁ ଦରକାର ଆଉ ଆଉଟ ଅଫ୍ ଟେଷ୍ଟ ଅଟେ, ତେବେ ଦେହକୁ ଦରକାର । ଯେଉଁ ଟେଷ୍ଟବାଲା ଅଛି, ତାହା ମନର ଇଣ୍ଡେଣ୍ଟ୍ ଅଟେ ଆଉ ଯେଉଁ detasted ଥାଏ, ତାହା ଦେହର ଇଣ୍ଡେଣ୍ଟ୍ ଅଟେ । ଏଥିରେ ଆତ୍ମାର ଇଣ୍ଡେଣ୍ଟ୍ ନାହିଁ ।

ଏହି ପାଣି ପିଏ, ତାହା କାହାକୁ ଦରକାର? ତାହା ମଧ୍ୟ ଦେହର ଇଣ୍ଡେଣ୍ଟ୍ ଅଟେ । ଏବଂ ଯେଉଁ ଅନ୍ୟ କିଛି ପିଏ, କୋଲ୍ଡ ଡ୍ରିଙ୍କସ୍, ତାହା କାହାର ଇଣ୍ଡେଣ୍ଟ୍ ଅଟେ? ସେଥିରେ ମନର ଏବଂ ଦେହର - ଉଭୟଙ୍କର ଇଣ୍ଡେଣ୍ଟ୍ ଅଛି ।

ତେବେ ଇଣ୍ଡେଣ୍ଟ୍ କାହାର, ସେ ସବୁ ଯଦି ଜଣା ପଡ଼ିଯାଏ ତେବେ ପୁଣି ସେ ସବୁର *ଉପରୀ* କିଏ, ତାହା ଜଣା ପଡ଼ିଯାଏ । ଏ ସବୁକୁ ଜାଣିବାବାଲା, ସେ ନିଜେ ହିଁ ଭଗବାନ । ସବୁ ଲୋକ କହନ୍ତି, 'ମୁଁ ଖାଇଲି ।' ତାହା ଭୁଲ କଥା ।

ଶୁଏ, ତାହା କାହାର ଇଣ୍ଡେଣ୍ଟ୍?

**ପ୍ରଶ୍ନକର୍ତ୍ତା :** ଶରୀରର ।

**ଦାଦାଶ୍ରୀ :** ହଁ, ଶରୀରର । କିନ୍ତୁ ଏତେ ସବୁ, ପୁରା ଇଣ୍ଡେଣ୍ଟ୍ ଶରୀରର ନୁହେଁ । ଯେତିକି ସମୟ ପୁରା ନିଦ ଆସେ, ପ୍ରକୃତ ନିଦ - ଗାଢ଼ ନିଦ୍ରା ଆସେ, କେବଳ ସେତିକି ଇଣ୍ଡେଣ୍ଟ୍ ବଡି(ଶରୀର)ର ଅଟେ । ଅନ୍ୟ ସବୁ ନିଦ, ସେ ସବୁ

ମାଇଣ୍ଡ୍‌ର ଅଟେ । ଯାହାକୁ ଅଏସ-ଆରାମ କୁହନ୍ତି । ବଡ଼ିକୁ ପ୍ୟୋର୍ ନିଦ ଦରକାର, ଅଏସ-ଆରାମ ଦରକାର ନାହିଁ । ଅଏସ-ଆରାମ ମନକୁ ଦରକାର ।

ଏ ଶୁଣେ କିଏ ? ମାଇଣ୍ଡ୍ ଶୁଣେ ? ଏହା କାହାର ଇଣ୍ଟେଣ୍ଟ୍ ?

**ପ୍ରଶ୍ନକର୍ତ୍ତା :** ଏମିତି ତ କୁହନ୍ତି, କାନ ଶୁଣେ ।

**ଦାଦାଶ୍ରୀ :** ନା, କିନ୍ତୁ ଇଣ୍ଟେଣ୍ଟ୍ କାହାର ? ଶୁଣିବାର ଇଚ୍ଛା କାହାର ?

**ପ୍ରଶ୍ନକର୍ତ୍ତା :** ମନର ।

**ଦାଦାଶ୍ରୀ :** ତାହା ଇଗୋଇଜମ୍ ର ଇଚ୍ଛା ଅଟେ । ଯେତିକି ଫୋନ ଆସିଲା ସେସବୁ ଇଗୋଇଜମ୍ ଧରିନିଏ । ମନକୁ ଧରିବାକୁ ଦିଏ ନାହିଁ । ସେ ସେଠ୍ ଏପରି ଯେ ଅନ୍ୟ କାହାକୁ ହାତ ଲଗାଇବାକୁ ଦିଏ ନାହିଁ । 'ଚୁପ, ତୁମେ ବସିଯାଅ, ମୁଁ ଧରିବି', ଏପରି ହିଁ କରେ ।

**ପ୍ରଶ୍ନକର୍ତ୍ତା :** ତେବେ ଆଖିର ଇଣ୍ଟେଣ୍ଟ୍ କିଏ କରେ?

**ଦାଦାଶ୍ରୀ :** ଆଖିର ଇଣ୍ଟେଣ୍ଟ୍‌ରେ ମନର, ଅହଙ୍କାରର ଏବଂ ଆଖିର ଅଲଗା ଅଲଗା ଟାଇମ୍‌ରେ ଅଲଗା ଅଲଗା ଇଣ୍ଟେଣ୍ଟ୍ ରହେ । କିନ୍ତୁ କାନର ଇଣ୍ଟେଣ୍ଟ୍ ଖାସ୍ ରୂପେ ଅହଙ୍କାରର ଅଭ୍ୟାସ ଅଟେ ।

ଭିତରେ ସବୁ ସାଇନ୍ସ ଚାଲୁଅଛି, ଏଥିରେ ସବୁ ଦେଖିବାର ଅଛି, ଜାଣିବାର ଅଛି । ଏ ଭିତରର ଲାବୋରୋଟୋରୀରେ ଯେଉଁ ପ୍ରୟୋଗ ହୁଏ, ଏହି ସବୁ ପ୍ରୟୋଗକୁ ଯିଏ ପୁରା ଜାଣିନେଲା, ସେ ନିଜେ ଭଗବାନ ହୋଇଗଲା । ପୁରା ୱାର୍ଲଡ୍‌ର ପ୍ରୟୋଗ ନୁହେଁ, ଏତିକି ପ୍ରୟୋଗରେ ୱାର୍ଲଡ୍‌ର ସବୁ ପ୍ରୟୋଗ ଆସିଯାଏ ଏବଂ ଏଥିରେ ଯେପରି ପ୍ରୟୋଗ ହୁଏ, ଏହିପରି ସବୁ ଜୀବଙ୍କ ଭିତରେ ପ୍ରୟୋଗ ହୁଏ । ଗୋଟିଏ ନିଜର ଜାଣିନେଲା ମାନେ ସମସ୍ତଙ୍କର ଜାଣିନେଲା ଏବଂ ଯିଏ ସମସ୍ତଙ୍କର ଜାଣେ ସେ ହିଁ ଭଗବାନ ।

ଭଗବାନ କେବେ ବି ଖାଆନ୍ତି ନାହିଁ, ଶୁଅନ୍ତି ମଧ୍ୟ ନାହିଁ । ଏସବୁ ବିଷୟ ଅଛି ନା, ସେହି କୌଣସି ବିଷୟର ଭୋକ୍ତା ଭଗବାନ ନୁହେଁ । ଭଗବାନ ଯଦି ବିଷୟର ଭୋକ୍ତା ହୋଇଯିବେ ତେବେ ଭଗବାନଙ୍କୁ ମରିବାକୁ ପଡ଼ିବ । ଏ ମରଣ କିଏ ଆଣେ ? ବିଷୟ ହିଁ ଆଣେ । ବିଷୟ ନ ଥାଆନ୍ତା, ତେବେ ମରିବାକୁ ପଡ଼ନ୍ତା ହିଁ ନାହିଁ ।

ଏ ବଡିରେ ସବୁ ସାଇନ୍ସ ହିଁ ଅଟେ । ଲୋକେ ବଡିରେ ସନ୍ଧାନ କରନ୍ତି ନାହିଁ ଆଉ ବାହାରେ ଉପରେ ଚନ୍ଦ୍ରକୁ ଦେଖିବାକୁ ଯାଆନ୍ତି । ସେଠି ରହିବେ ଏବଂ ସୋସାଇଟୀ କରିନେବେ ଏବଂ ସେଠି ବାହା ବି ହୋଇଯିବେ । ଏପରି ଲୋକ ଅଛନ୍ତି !

ରିୟଲୀ ସ୍କିକିଙ୍ଗ୍ ମନୁଷ୍ୟ ଖାଏ ହିଁ ନାହିଁ । ତୁମର ଡିନର୍‌ରେ ଖାଇବା କେଉଁଠୁ ଆସେ ? ହୋଟେଲରୁ ଆସେ ? ଏ ଖାଇବା କେଉଁଠୁ ଆସିଲା, ତାହାର ସନ୍ଧାନ ତ କରିବା ଉଚିତ ନା ?! ତେବେ ତୁମେ କୁହ, ପତ୍ନୀ ଦେଲା । କିନ୍ତୁ ପତ୍ନୀ କେଉଁଠୁ ଆଣିଲା ? ପତ୍ନୀ କହିବ, 'ମୁଁ ତ ବ୍ୟାପାରି ପାଖରୁ ଆଣିଲି ।' ବ୍ୟାପାରି କହିବ, 'ମୁଁ ତ ଚାଷୀ ପାଖରୁ ଆଣିଲି ।' ଚାଷୀକୁ ପଚାରିବା, 'ତୁମେ କେଉଁଠୁ ଆଣିଲ ?' ତେବେ ସେ କହିବ, 'କ୍ଷେତରେ ମଞ୍ଜି ବୁଣିବା ଦ୍ୱାରା ହେଲା ।' ଏହାର ଅନ୍ତ ହିଁ ମିଳିବ ନାହିଁ । ଇଣ୍ଡେଣ୍ଟ୍‌ବାଲା ଇଣ୍ଡେଣ୍ଟ୍ କରେ, ସପ୍ଲାୟର୍ ସପ୍ଲାଏ କରେ । ତୁମେ ସପ୍ଲାୟର୍ ନୁହଁ । ତୁମେ ତ ଦେଖିବାବାଲା ଅଟ ଯେ, କ'ଣ ଖାଇଲା ଏବଂ କ'ଣ ଖାଇଲା ନାହିଁ, ତାହା ଜାଣିବାବାଲା ତୁମେ ଅଟ । ତୁମେ କହୁଛ ଯେ, 'ମୁଁ ଖାଇଲି ।' ଆରେ, ତୁମେ ଏସବୁ କେଉଁଠୁ ଆଣିଲ ? ଏ ଚାଉଳ କେଉଁଠୁ ଆଣିଲ ? ଏ ସବୁ ପନିପରିବା କେଉଁଠୁ ଆଣିଲ ? ତୁମେ ତିଆରି କଲ ? ତୁମର ବଗିଚା ତ ନାହିଁ, ଚାଷବାସ ତ ନାହିଁ, ପୁଣି କେଉଁଠୁ ଆଣିଲ ?! ତେବେ କୁହେ, 'କିଣିକି ଆଣିଲି ।' ତୁମକୁ ପଟାଟୋ (ଆଳୁ) ଖାଇବାର ବିଚାର ନଥିଲା, କିନ୍ତୁ ଆଜି କାହିଁକି ଖାଇବାକୁ ପଡ଼ିଲା ? ଆଜି ତୁମକୁ ଅଲଗା ତରକାରୀ ଦରକାର ଥିଲା କିନ୍ତୁ ଆଳୁ ତରକାରୀ ଆସେ, ଏପରି ହୁଏ ନାହିଁ ? ତୁମ ଇଚ୍ଛା ଅନୁସାରେ ସବୁ ଖାଇବାକୁ ମିଳେ ? ନା ! ଭିତରେ ଯେତିକି ଦରକାର ସେତିକି ହିଁ ଭିତରକୁ ଯାଏ, ବେଶୀ ଯାଏ ନାହିଁ । ଭିତରେ ଯେତିକି ଦରକାର, ଯେତିକି ଇଣ୍ଡେଣ୍ଟ୍ ଅଛି, ତାହାଠୁ ଗୋଟିଏ ବି ଅଧିକ ପରମାଣୁ ଭିତରକୁ ଯାଏ ନାହିଁ । ସେ ଅଧିକ ଖାଇଯାଏ, ପରେ କୁହେ ଯେ 'ଆଜି ତ ମୁଁ ବହୁତ ଖାଇଲି ।' ତାହା ମଧ୍ୟ ସେ ଖାଏ ନାହିଁ । ଏହା ତ ଭିତରେ ଯେତିକି ଡିମାଣ୍ଡ୍ ହୁଏ, ସେତିକି ହିଁ ଖାଏ । ଖାଇବାର ଶକ୍ତି ଯଦି ନିଜର ହୋଇଯିବ ତେବେ ପୁଣି ମରିବାର ରହିବ ହିଁ ନାହିଁ ନା ?! କିନ୍ତୁ ସେ ତ ମରିଯାଏ ନା ?!

ଭିତରର ପରମାଣୁ ଇଣ୍ଡେଣ୍ଟ୍ କରନ୍ତି ଏବଂ ବାହାରେ ସବୁ ମିଳିଯାଏ । ଏହି ବେବୀକୁ ତ ତୁମକୁ କ୍ଷୀର ଦେବାର ଅଛି ଏବଂ ଖାଇବା ଦେବାର ଅଛି । ବାକି ସବୁ ନେଚୁରାଲୀ ମିଳିଯାଏ । ଠିକ ସେହିପରି ତୁମର ସବୁ ଚାଲେ, କିନ୍ତୁ ତୁମେ ଇଗୋଇଜମ୍

କର ଯେ 'ମୁଁ କଲି ।' ତୁମକୁ ଆମ୍ବ ଖାଇବାର ଇଚ୍ଛା ହେଲା ତେବେ ବାହାରେ ଆମ୍ବ ମିଳିଯିବ । ଯେଉଁ ଗାଁ'ର ହୋଇଥିବ ସେହି ଗାଁ'ର ହିଁ ଆସି ମିଳିବ ।

ଲୋକେ କ'ଣ କରନ୍ତି ନା ଭିତରର ଇଚ୍ଛାକୁ ବନ୍ଦ କରନ୍ତି, ତେବେ ସବୁ ବିଗିଡ଼ି ଯାଏ । ଏଣୁ ଏ ଭିତରେ ଯେଉଁ ସାଇନ୍ସ ଚାଲୁଅଛି, ତାହାକୁ ଦେଖ । ଏଥିରେ କେହି କର୍ତ୍ତା ନୁହେଁ । ଏହା ସାଇଣ୍ଟିଫିକ୍ ଅଟେ, ସିଦ୍ଧାନ୍ତ ଅଟେ । ସିଦ୍ଧାନ୍ତ, ସିଦ୍ଧାନ୍ତ ହିଁ ରୁହେ ।

**- ଜୟ ସଚ୍ଚିଦାନନ୍ଦ**

## ମୂଳ ଗୁଜରାଟୀ ଶବ୍ଦର ସମାର୍ଥକ ଶବ୍ଦ

*ନିକାଲ୍* : ପୂରା କରିବା
ରାଗ୍-ଦ୍ୱେଷ : ଆସକ୍ତି-ଘୃଣା, ପସନ୍ଦ-ନାପସନ୍ଦ
*ପୁଦ୍‌ଗଲ୍* : ଯାହା ପୁରଣ ଏବଂ ଗଳନ ହୁଏ
*ଉପାଧି* : ବାହାରୁ ଆସୁଥିବା ଦୁଃଖ
*ଅଶାତା* : ଦୁଃଖ ପରିଣାମ
*ଉପରୀ* : ବରିଷ୍ଠ ମାଲିକ, ବୋସ୍
ଆଶୟ : ଉଦ୍ଦେଶ୍ୟ
ନିମିତ୍ତ : ମାଧ୍ୟମ
ସତ୍ତା : କ୍ଷମତା, ଅଧିକାର
ଇଣ୍ଡେଣ୍ଟ୍ : ବରାଦ, ଆବଶ୍ୟକତା

## ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରକାଶିତ ପୁସ୍ତକ

### ହିନ୍ଦୀ

୧. ଜ୍ଞାନୀପୁରୁଷ କୀ ପେହଚାନ୍
୨. ସର୍ବ ଦୁଃଖୋଁ ସେ ମୁକ୍ତି
୩. ଆତ୍ମବୋଧ
୪. ବର୍ତ୍ତମାନ ତୀର୍ଥଙ୍କର ଶ୍ରୀ ସୀମନ୍ଧର ସ୍ୱାମୀ
୫. ଦାଦା ଭଗବାନ କୌନ୍ ?
୬. ପୈସୋଁ କା ବ୍ୟବହାର
୭. ଅନ୍ତଃକରଣ କା ସ୍ୱରୂପ
୮. ପ୍ରେମ
୯. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ସଂ.)
୧୦. ଦାନ
୧୧. ନିଜଦୋଷ ଦର୍ଶନ ସେ... ନିର୍ଦ୍ଦୋଷ
୧୨. ପତି-ପତ୍ନୀ କା ଦିବ୍ୟ ବ୍ୟବହାର
୧୩. କ୍ଲେଶ ରହିତ ଜୀବନ
୧୪. ଗୁରୁ-ଶିଷ୍ୟ
୧୫. ଅହିଂସା
୧୬. ସତ୍ୟ-ଅସତ୍ୟ କେ ରହସ୍ୟ
୧୭. ଚମତ୍କାର
୧୮. ବାଣୀ, ବ୍ୟବହାର ମେ...
୧୯. କର୍ମ କା ବିଜ୍ଞାନ
୨୦. ସହଜତା
୨୧. ଆପ୍ତବାଣୀ - ୧
୨୨. ଆପ୍ତବାଣୀ - ୨
୨୩. ଆପ୍ତବାଣୀ - ୩
୨୪. ଆପ୍ତବାଣୀ - ୪
୨୫. ଆପ୍ତବାଣୀ - ୫
୨୬. ଆପ୍ତବାଣୀ - ୬
୨୭. ଆପ୍ତବାଣୀ - ୭
୨୮. ଆପ୍ତବାଣୀ - ୮
୨୯. ଆପ୍ତବାଣୀ - ୯
୩୦. ଆପ୍ତବାଣୀ - ୧୩ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୩୧. ଆପ୍ତବାଣୀ - ୧୪ (ଭାଗ-୧)
୩୨. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୩୩. ଜ୍ଞାନୀ ପୁରୁଷ (ଭାଗ-୧)
୩୪. ପ୍ରତିକ୍ରମଣ (ଗ୍ରନ୍ଥ)

### ଓଡ଼ିଆ ପୁସ୍ତକ :

୧. ଆତ୍ମସାକ୍ଷାତ୍କାର
୨. ଚିନ୍ତା
୩. କ୍ରୋଧ
୪. ମାନବ ଧର୍ମ
୫. ମୁଁ କିଏ ?
୬. ତ୍ରିମନ୍ତ୍ର
୭. ସେବା ପରୋପକାର
୮. ପ୍ରତିକ୍ରମଣ
୯. ଏଡ଼ଜଷ୍ଟ ଏଭ୍ରିହ୍ୱେୟାର
୧୦. ଘର୍ଷଣ ଟାଳନ୍ତୁ
୧୧. କର୍ମର ସିଦ୍ଧାନ୍ତ
୧୨. ଜଗତ କର୍ତ୍ତା କିଏ ?
୧୩. ଯିଏ ଭୋଗେ ତା'ର ଭୁଲ
୧୪. ଯାହା ହେଲା ତାହା ନ୍ୟାୟ
୧୫. ଭାବନା ସୁଧାରେ ଜନ୍ମୋଜନ୍ମ
୧୬. ମାତା-ପିତା ଏବଂ ପିଲାଙ୍କ ବ୍ୟବହାର
୧୭. ମୃତ୍ୟୁ ସମୟରେ, ପୂର୍ବରୁ ଏବଂ ପରେ
୧୮. ପାପ-ପୁଣ୍ୟ

★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ଗୁଜରାଟୀ ଭାଷାରେ ମଧ୍ୟ ଅନେକ ପୁସ୍ତକ ପ୍ରକାଶିତ ହୋଇଛି । ୱେବସାଇଟ୍ **www.dadabhagwan.org** ଏବଂ **Dadabhagwan App** ରେ ମଧ୍ୟ ଆପଣ ଏ ସମସ୍ତ ପୁସ୍ତକ ପ୍ରାପ୍ତ କରିପାରିବେ ।

★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରତ୍ୟେକ ମାସ ହିନ୍ଦୀ, ଗୁଜରାଟୀ ତଥା ଇଂରାଜୀ ଭାଷାରେ "ଦାଦାବାଣୀ" ମାଗାଜିନ୍ ପ୍ରକାଶିତ ହେଉଛି ।

★ ଉପରୋକ୍ତ ଓଡ଼ିଆ ପୁସ୍ତକ ହିନ୍ଦୀ ଭାଷାରେ ମଧ୍ୟ ଉପଲବ୍ଧ ।

# ସମ୍ପର୍କ ସୂତ୍ର

## ଦାଦା ଭଗବାନ ପରିବାର

**ଅଡ଼ାଲଜ** : **ତ୍ରିମନ୍ଦିର,** ସୀମନ୍ଧର ସିଟୀ, ଅହମଦାବାଦ-କଲୋଲ ହାଇଓ୍ୱେ,
ପୋଷ୍ଟ-ଅଡ଼ାଲଜ,ଜିଲ୍ଲା-ଗାନ୍ଧୀନଗର, ଗୁଜରାଟ-382421
ଫୋନ-9328661166/77
**Email :** info@dadabhagwan.org

**ମୁମ୍ବାଇ** : ତ୍ରିମନ୍ଦିର, ଋଷିବନ, କାଜୁପାଡା, ବୋରିବଲି (**E**)
ଫୋନ-9323528901

| | | | |
|---|---|---|---|
| **ଦିଲ୍ଲୀ** | 9810098564 | **ବେଙ୍ଗାଲୁରୁ** | 9590979099 |
| **କୋଲକତା** | 9830080820 | **ହାଇଦ୍ରାବାଦ** | 9885058771 |
| **ଚେନ୍ନାଇ** | 7200740000 | **ପୁନେ** | 7218473468 |
| **ଜୟପୁର** | 8890357990 | **ଜଳନ୍ଧର** | 9814063043 |
| **ଭୋପାଳ** | 6354602399 | **ଚଣ୍ଡିଗଡ** | 9780732237 |
| **ଇନ୍ଦୋର** | 6354602400 | **କାନପୁର** | 9452525981 |
| **ରାୟପୁର** | 9329644433 | **ସାଙ୍ଗଲୀ** | 9423870798 |
| **ପାଟନା** | 7352723132 | **ଭୁବନେଶ୍ୱର** | 8763073111 |
| **ଅମରାବତୀ** | 9422915064 | **ବାରାଣସୀ** | 9795228541 |

**U.S.A** : **DBVI, Tel . :**+1 877-505-DADA (3232),
**Email :** info@us.dadabhagwan.org

**U.K.** : +44 330-111-DADA (3232)

**Kenya** : +254 722 722 063

**UAE** : +971 557316937

**Dubai** : +971 501364530

**Australia** : +61 421127947

**New Zealand** : +64 21 0376434

**Singapore** : +65 81129229

**www.dadabhagwan.org**



## କର୍ମର ସିଦ୍ଧାନ୍ତ

'ମୁଁ କଲି' କହିବା ମାତ୍ରେ କର୍ମବନ୍ଧନ ହୋଇଯାଏ । 'ଏହା ମୁଁ କଲି', ଏଥିରେ 'ଇଗୋଇଜମ୍' (ଅହଙ୍କାର) ଅଛି ଏବଂ ଇଗୋଇଜମ୍ ଦ୍ୱାରା କର୍ମବନ୍ଧନ ହୁଏ । ଯେଉଁଠି ଇଗୋଇଜମ୍ ହିଁ ନାହିଁ, 'ମୁଁ କଲି' ଏପରି ନାହିଁ, ସେଠି କର୍ମ ହୁଏ ନାହିଁ ।

–ଦାଦାଶ୍ରୀ

मूल दीपक से प्रकटे दीपमाला

dadabhagwan.org

ISBN 978-81-949363-7-4

Printed in India

Price ₹25